କବି କୃପାସମୁଦ୍ର ଦାସଙ୍କ କୃତ ।

ଚତୁର୍ଦ୍ଧାମୂର୍ତ୍ତି ବର୍ଣ୍ଣନ ।

ପଣ୍ଡିତ ଶ୍ରୀ ଗୋପୀନାଥ କରଙ୍କ ଦ୍ୱାରା
ସଂଶୋଧିତ ।

ଶ୍ରୀ କୃଷ୍ଣଚନ୍ଦ୍ର ପଧାନ ପ୍ରଭୃତଙ୍କ ଦ୍ୱାରା
ପ୍ରଥମବାର ପ୍ରକାଶିତ ।

ଅରୁଣୋଦୟ ଯନ୍ତ୍ରାଳୟର ମେସିନ୍‌ଯନ୍ତ୍ରେ ମୁଦ୍ରିତ ।

CUTTACK
Printed BY N. N. Sahoo
at the Arunodaya press.
1915.

ମୂଲ୍ୟ ୦ ୦ ୵ ଦୁଇଅଣା ।

Digitized by PPRACHIN, SOA

ଚତୁର୍ଦ୍ଧାମୂର୍ତ୍ତି ବର୍ଣ୍ଣନ ।

ସୁଗନ୍ଧ ଜାତ କୁସୁମ ଗର୍ଭପରେ ମୟୂରଚନ୍ଦ୍ର ବିରାଜେ । ଅସିତ ଗିରି ରଜତ ଶୃଙ୍ଗ ପରେ ନୀଳଜଳଦ କି ସାଜେ । ଜଗନ୍ନାଥର । ଧନ୍ୟ ଏ ଚୂଡ଼ାର ଠାଣି । ଶୋଭା ଦିଶେ ଇନ୍ଦ୍ର ଧନୁ ଜିଣି । କିଏ ମୃତସଞ୍ଜୀବନୀ ମଣି । ଚଞ୍ଚଳ ଚିତ୍ତ ସ୍ଥିର କରି ଚାହିଁଲେ ଭବସିନ୍ଧୁ ଯିବ ଜିଣି । ୧ ।

ଅଳକାମଣ୍ଡଳ ବେଢି ଶୋଭାବନ ବିବିଧ ଅମୂଲ୍ୟମଣି । ହୀରା ନୀଳା ମୋତି ମାଣିକ୍ୟ ପ୍ରବାଳ ନବଗ୍ରହ କାନ୍ତି ଜିଣି । ଜଗନ୍ନାଥର । ଧନ୍ୟ ଏ ଅଳକାପନ୍ତି । ଦୃଷ୍ଟି ଅନ୍ତରେ ପରମ ଜ୍ୟୋତି । ଯହିଁ ଗୁପତ ନିର୍ବାଣ ମୁକ୍ତି । ତରିଲେ ସିଦ୍ଧ ଯୋଗୀନ୍ଦ୍ର ମୁନିଗଣ ଯେବଣ ସ୍ଥାନକୁ ଚିନ୍ତି । ୨ ।

କୁରଙ୍ଗ ମଦ ଅଙ୍କିତ ସୁଲଲାଟ ମଧ୍ୟେ ମଳୟଜ ବିନ୍ଦୁ । ସୁଧା ମୁଦ୍ରିତ ଅସିତ ଜୀମୂତେ କି ଉଦୟ ସମ୍ପୂର୍ଣ୍ଣ ଇନ୍ଦୁ । ଜଗନ୍ନାଥର । ଧନ୍ୟ ଏ ତିଳକ ଶୋଭା । ଗଞ୍ଜୁଅଛି ଦିନକର ପ୍ରଭା । ଯୋଗିଜନଙ୍କର ମନ ଲୋଭା । ତମ ଧାମ ବେନି ସ୍ଥାନ ବ୍ୟାପି ଶୂନ୍ୟ ପୁରୁଷ ରହିଛି ଅବା । ୩ ।

ଚଞ୍ଚଳ ଲୋଚନ ବଙ୍କ ଶୋଭାବନ କସ୍ତୁରୀ ପଙ୍କେ ସୁରେଖ । ଅଶେଷ ମନ ମୋହିବାକୁ କନ୍ଦର୍ପ କୋଦଣ୍ଡ ହୋଇଛି ଦେଖ । ଜଗନ୍ନାଥର । ଧନ୍ୟ ଏ ଚାରୁ ଭ୍ରୂଲତା । ସୁଧା ସିନ୍ଧୁ ବେଢ଼ି କଳ୍ପଲତା । ବ୍ରହ୍ମ ଆବୋର କି ଅର୍ଦ୍ଧମାତ୍ରା । ପ୍ରାଣପ୍ରୟାଣ କାଳେ ଯେଉଁ ସ୍ଥାନକୁ ଚିନ୍ତୁଛନ୍ତି ବ୍ରହ୍ମ-ବେତ୍ତା । ୪ ।

ଶ୍ୱେତପଙ୍କଜ କୋଷକୁ ବେଢ଼ି କିଏ ଶୋଭେ କୁବଳୟ ଦଳ । ମନ୍ଦପବନ ଧୀରେ ଧୀରେ ଲାଗନ୍ତେ ଯେସନ୍ତେ ଦିଶେ ଚଳଦଳ । ଜଗନ୍ନାଥର । ଧନ୍ୟ ଭଙ୍ଗିମା ପିଛଡ଼ା । ମୁଦ ଫିଟିଛି ନିର୍ବାଣ ପେଡ଼ା । ସୁଧା ସିନ୍ଧୁ କି ମାରେ ଲହଡ଼ା । ଅଶେଷ କୋଟି ମେଦିନୀ ସୁରକ୍ଷଣ ନିମନ୍ତେ ଏ ବାଡ଼ବେଢ଼ା । ୫ ।

Digitized by PPRACHIN, SOA

ଶଙ୍ଖ ଗୋକ୍ଷୀର ଲକ୍ଷ କର ନୁହଇ ତୁଳକୁ ଧବଳେ ଜିଣି । ଶରଦ ନିଶି ନିର୍ମଳ ଆକାଶେ କି ନିଷ୍କଳଙ୍କ ନିଶାମଣି । ଜଗନ୍ନାଥର । ଧନ୍ୟ ଶ୍ୱେତପଦ୍ମ ଆକ୍ଷି । ଯାହା ଭାବ ଭକ୍ତ ସଦା ସୁଖୀ । କୀଟୁ ବ୍ରହ୍ମଯାଏ ଯେହୁ ସାକ୍ଷୀ । ଭବ ଭ୍ରମ ମୋହ ପାଶ ଫିଟିଯିବ ଜ୍ଞାନବଳେ ଯେବେ ଦେଖି । ୬ ।

ଜଳୁଛି ଜ୍ୟୋତି ଦ୍ରବ୍ୟ ସୁଧା ସଂଯୋଗେ ଶିଖା ଶିଖେ ତା କଜ୍ଜଳ । କି ଏ ଶ୍ୱେତପଦ୍ମ ମଧ୍ୟେ ମଧୁରସେ ମାତି ରହିଛି ଭ୍ରମର । ଜଗନ୍ନାଥର । ଧନ୍ୟ ଏ ନୀଳେନ୍ଦ୍ରୀ ଡୋଳା । ଭବସିନ୍ଧୁ ତରଣକୁ ଭେଳା । ଯାହା ଭାବ ସଦାଶିବ ଭୋଳା । ବିବେକ ବଳେ ଚିତ୍ତରେ ଚତୋଇଲେ ଯହିଁ ଦିଶେ ପଞ୍ଚକଳା । ୭ ।

ଯୋଗିଜନ ମନ ନିଶ୍ଚଳ ବନ୍ଧକୁ ନିର୍ମାଣିଛି ବେନି ଫାଶ । ଚେତନା ଦ୍ୱାରେ ସୁଯନ୍ତ୍ର ପାତି ଯହିଁ ବନ୍ଦି କରିଛି ଆକାଶ । ଜଗନ୍ନାଥର । ଧନ୍ୟ ଏ ଶ୍ରୋତ୍ର ଯେ ବେନି । ଯହିଁ ସଂଧୁଛି ନାମଧ୍ୱନି । ଯାକୁ ସମାଧିରେ ଚିନ୍ତେ ମୁନି । କୀଟ ପତଙ୍ଗ ସ୍ଥାବର ଜଙ୍ଗମାଦି ସବୁର ବେଦନା ଘେନି । ୮ ।

ଶ୍ରୁତିର ସାର ନିର୍ମଳ ନିରାକାର ଲୋଚନ ମନକୁ ଦୂର । ଲାଗେ ଝଲଗ ଶୂନ୍ୟରେ ଝଲମଲ ମୋହୁଅଛି ତ୍ରିପୁର । ଜଗନ୍ନାଥର । ଧନ୍ୟ ମକର କୁଣ୍ଡଳ । ଜ୍ୟୋତି ଝଲକଇ ଗଣ୍ଡସ୍ଥଳ । ଗୁରୁ ଶୁଦ୍ଧ କି ଶୂନ୍ୟମଣ୍ଡଳ । ଦର୍ଶନ ମାତ୍ରକେ ଦେବୁ ହଜାଇବେ ବ୍ରହ୍ମା ଶିବ ଆଖଣ୍ଡଳ । ୯ ।

ଭୂଜଳ ଅଗ୍ନି ତ୍ରିକୂଟ ଭେଦ ଯହିଁ ବ୍ରହ୍ମକୁ ଖୋଜୁଛି ହଂସ । ଯେଉଁ ସ୍ଥାନକୁ ସ୍ଥିର କରି ଚାହିଁଲେ ଅଦୃଶ୍ୟ ହୁଅଇ ଦୃଶ୍ୟ । ଜଗନ୍ନାଥର । ଧନ୍ୟ ଶୋଭେ ନାସାପୁଟ । ନିରଞ୍ଜନ ପାଶକୁ କି ବାଟ । ତୀର୍ଥ ତ୍ରିବେଣୀ ସଙ୍ଗମ ଘାଟ । ନୀରଖି ଚାହିଁ କୁସୁମିତ ନାସାକୁ ଫିଟୁ ସଂସାର ସଙ୍କଟ । ୧୦ ।

ପୂର୍ଣ୍ଣ କଳାନିଧି କୋଳେ କି ରୋହିଣୀ ଆକାଶେ ଉଦୟ ଭାନୁ । ଭାଗ୍ୟବଳେ ବାରେ ଦୃଷ୍ଟିରେ ପଡ଼ିଲେ ଆଉ ନ ଟଳଇ ମନୁ ।

Digitized by PPRACHIN, SOA

ଜଗନ୍ନାଥର । ଧନ୍ୟ ନାସା ଅଗ୍ର ମୋତି । ଭଲ୍ଲ ବନା ସୂକ୍ଷ୍ମେ ଅଛି ଗୁନ୍ଥି । ପ୍ରତକଛ ନାହିଁ ଅନ୍ୟଜ୍ୟୋତି । ଲାବଣ୍ୟ ଧୀବର ଜାତ କରଛି କି ଅମୃତ ବାରଧି ମନ୍ଥି । ୧୧ ।

କୃଷ୍ଣ ତମିର ନବଡ଼ ନଶାପ୍ରାନ୍ତେ ଆଦ୍ୟପାଦେ ଉଦେ ଶଶୀ । ଜବାବଧୂଲି ବିଭୂଷିତ ହୋଇ ସେ ଯେସନେ ଶୋଭିବନ ଦିଶି । ଜଗନ୍ନାଥର । ଧନ୍ୟ ସୁସଙ୍ଗ ଅଧର । କୃପା ଅମ୍ବୁ ସ୍ରବେ ଝର ଝର । ଶାନ୍ତ ସୁଦାସ୍ୟ ହାସେ ମଧୁର । ଯେଉଁ ଅଧର ଫିଟିଲେ ସୁଖାର୍ଣ୍ଣବେ ଭସଇ ସଚରାଚର । ୧୨ ।

ଦାଡ଼ିମ ପୁଷ୍ପ ସୁରଙ୍ଗମା ଅଧର ମୃଦୁମୃଦୁ ମନ୍ଦହାସେ । ନ ଦିଶେ ଦିଶେ ଉଦନ୍ତ କାନ୍ତ ମାଳା ଯେସନେ ତଡ଼ିତ ହାସେ । ଜଗନ୍ନାଥର । ଭଲ୍ଲ ଶୋହେ ଦନ୍ତ ପନ୍ତ । ବ୍ରହ୍ମଜାତି ହୀର ପ୍ରାୟ ଜ୍ୟୋତି । ଶୋଭି ସିନ୍ଦୁରେ କି ଗଜମୋତି । ଜଗତ୍ର ପିତାମହ ବ୍ରହ୍ମା ବୋଲାଇଛି ଯେଉଁ ଦନ୍ତୋଚ୍ଛିଷ୍ଟ ଧେତ । ୧୩ ।

ମେଘ ଗମ୍ଭୀର ସଧୀର ଧୀର ଧୀର ମତ କୋକିଳ ଶବଦ । ମନ୍ଦ ମଧୁର କୋମଳ ସୁବଚନ ଶୁଭେ ଗଦ୍ଗଦ ନାଦ । ଜଗନ୍ନାଥର । ଧନ୍ୟ ଏ ଅମୃତ ବାଣୀ । ବେଦ ଲଜେ ସଂକୁଚିତ ଶୁଣି । କୋଟି ସାରଦା ନ ପାରେ ଭଣି । ଯେଉଁ ଶବଦେ ହେତୁମତ ପଶିଲେ ଅବଦ୍ୟା ବନ୍ଧକୁ ହଣି । ୧୪ ।

ଫୁଟି ରହିଛି ଅଷ୍ଟଦଳକମଳ କେହି ନ ପାରନ୍ତି ଚହ୍ନି । ରସ ଗନ୍ଧରୂପ ଶବଦକୁ ଗୃହାଁ ଦୁଇ ଦୁଇ କଳା ଘେନି । ଜଗନ୍ନାଥର । ଧନ୍ୟ ଏ ମୁଖ ସରୋଜ । ଖୋଜ କେସର ମଧ୍ୟରେ ମଜ୍ଜ । ଯାହା ଚନ୍ଦ୍ର ନସ୍ତରଙ୍ଗ ଗଜ । ଯେଉଁ ସ୍ଥାନକୁ ଭ୍ରମର କାଳ ମୃତ୍ୟୁ ଖଣ୍ଡିଲା ଦୈତ୍ୟ ତନୁଜ । ୧୫ ।

ଏକାଦଶ୍ରୀରେ ପଞ୍ଚାଶ ସାର ଖଞ୍ଜି ଯନ୍ତ୍ରି ଅଛି ପଞ୍ଚଗୁଣା । ଷଡ଼ ସ୍ଥାନରେ ବିଧିମତେ ଟିପନ୍ତେ ଶୂନ୍ୟେ ଶୁଭେ ବ୍ରହ୍ମବାଣୀ । ଜଗନ୍ନାଥର । ଭଲ୍ଲ ଶୋହେ କମ୍ବୁ କଣ୍ଠ । ନାନା ମଣିଗଣେ ଝଟ ଝଟ । ବିଷ ଧାରଣା ନଷ୍ଟଳ ବଟ । ନଟେଷ୍ଟ ସେ କଣ୍ଠ ଧ୍ୱନିକି ଲକ୍ଷ୍ୟ କଲେ ତଟଇ ସଂସାର ନଟ । ୧୬ ।

Digitized by PPRACHIN, SOA

ସୁମେରୁ ଶୃଙ୍ଗ କି ବେନି ମହୋରଗ ପ୍ରମାଣ ଶ୍ରୀଭୁଜଦଣ୍ଡ । ଆରତ ତାରଣ ଦନୁଜ ଦଳନ ଯହିଁ ଶରଣ ବ୍ରହ୍ମାଣ୍ଡ । ଜଗନ୍ନାଥର । ଧନ୍ୟ ଶ୍ରୀଭୁଜ ମହିମା । ସନ୍ଥ ଜନଙ୍କ ଆଶ୍ରୟ ସୀମା । ଶୁଭାଶୁଭକର୍ମା ବିଶ୍ୱକର୍ମା । ଭବକୁ ବଶ ଅଭବକୁ ଅଦୃଶ୍ୟ ଆଣ୍ଠର ଭଙ୍ଗେ ଗରିମା ।୧୭।

ହେମାଚଳ ବେଢି କିଏ ଜମ୍ବୁନଦ ତଟେ କି ଚକୋରପନ୍ତି । ବାହୁମୂଳେ ହେମଅଙ୍ଗଦ କଙ୍କଣ ନାନାମଣି ଝଟକନ୍ତି । ଜଗନ୍ନାଥର । ଭଲ ଶୋହୁଛି ବାହୁଟି । ଖରବର ବାନା ପାଶେ ଲୋଟି । ଦର୍ପ ହରୁଛି କୃତାନ୍ତ କୋଟି । ଅଶେଷ ଅମଙ୍ଗଳ ନାଶ କରଇ ଯେ ଦେବ ତହିଁକି ଦୃଷ୍ଟି ।୧୮।

ଶୋଣ ପଙ୍କଜ ପାଖୁଡ଼ାପ୍ରାୟ କରପଲ୍ଲବ ମୂଳେ କଙ୍କଣ । ସ୍ୱପ୍ନ ଜାଗ୍ରତ ସୁଷୁପ୍ତିରେ ଗୃହିଁଲେ ବାଜୁଥାଇ ରୁଣଝୁଣ । ଜଗନ୍ନାଥର । ଭଲ ଶୋହେ ମଣି ବନ୍ଧ । ଭକ୍ତଜନ ଭୃଙ୍ଗ ଅରବିନ୍ଦ । ତେଜେ ନାଶେ ଘୋର ତମ ଅନ୍ଧ । ପଞ୍ଚାଶ କୋଟି ବସୁନ୍ଧରା ଯାକରେ ଯେଉଁଠାରେ ଯିବ ଛନ୍ଦ ।୧୯।

କଳପ ଦ୍ରୁମ ନବୀନ ଦଳପ୍ରାୟ ସୁଘଞ୍ଚ ସୁନ୍ଦର ଦିଶେ । ଉଦୟ ମଣ୍ଡଳ କି ଏ ଅସ୍ତାଚଳ ବିଭୂଷିତ ବେନି ପାଶେ । ଜଗନ୍ନାଥର । ଧନ୍ୟ ଶୋହେ କରପଦ୍ମ । ଯହିଁ ଟେକୁଛି ନିଗୁଣ ଦ୍ୱନ୍ଦ୍ୱ । ଚରାଚର ଯେଉଁ ପଟେ ଚନ୍ଦ । ଦୁରିତତପନତାପବିମୋଚନ କୃପାଶାନ୍ତ ସୋମ ଷେନ ।୨୦।

କୁନ୍ଦଛି କି ଅବା ମର୍କତ ବଉଳ ଚମ୍ପକ କଢ଼ି କି ବଳ । ମର୍କତ ମଣି ମୁଦ୍ରିକାରେ ବେଷ୍ଟିତ ଝଟକେ କର ଅଙ୍ଗୁଳି । ଜଗନ୍ନାଥର । ଭଲ ଶୋହେ ନଖପନ୍ତି । ଯେହ୍ନେ ଦିବ୍ୟ ପାଖୁଡ଼ା ସେବନ୍ତି । ଯହିଁ ହିରଣ୍ୟ ତନୁ ବିକୋତ । ପ୍ରମାଦ ଘୋର ବିଂଶତ ଖଣ୍ଡିପାରେ ଆତଙ୍କ କାଳେ ଯେ ଚନ୍ଦ୍ର ।୨୧।

ଚନ୍ଦନ କର୍ପୂର କୁଙ୍କୁମ କସ୍ତୁରୀ କୃଷ୍ଣାଗୁରୁ ସ୍ନେହ ମିଶି । ଅଙ୍କିତ ଶ୍ୟାମସୁନ୍ଦର କଳେବର ମୁନିଗଣ ମନ ତୋଷି । ଜଗନ୍ନାଥର । ଧନ୍ୟ ହୃଦପଦ୍ମ ଭବ । ଖୋଜି କମଳା ନ ଜଲେ ଠାବ । ସିଦ୍ଧ ଯୋଗୀନ୍ଦ୍ର-

Digitized by PPRACHIN, SOA

ଗଚେଣ ଦୁର୍ଲଭ । ବିଶ୍ୱମ୍ଭରଭର ଗତାଗତ ଅର୍ଥ ବିଚାର ଯହିଁ ସମ୍ଭବ । ୨୨ ।

କୋଟିଏ କୋଟି ସୂର୍ଯ୍ୟଙ୍କୁ ନିନ୍ଦା କରେ ଲୋକାଲୋକ ତମନାଶେ । ଅମଳ ସୂତ୍ରେ ନିର୍ଭେଦ ଗୁନ୍ଥା ହୋଇ ହୃଦପଦ୍ମେ ଶୋଭା ଦିଶେ । ଜଗନ୍ନାଥର । ଧନ୍ୟ ଏ କୌସ୍ତୁଭମଣି । ଲକ୍ଷ୍ୟ ଲକ୍ଷିତ ନାହିଁ ଧରଣୀ । ସଙ୍ଗେ ମୁକ୍ତିତ ମୌକ୍ତିକ ଶ୍ରେଣୀ । ସ୍ଥାନ ବିଶେଷକୁ ଚାହିଁ ବିଚାରିଲେ ଶ୍ରିୟା ଜ୍ୟେଷ୍ଠ ସପତ୍ନୀ । ୨୩ ।

ବାମ ଦକ୍ଷିଣ ଅରୁଣ ଶ୍ୱେତବର୍ଣ୍ଣ ଲୁଳଇ କମଳ ମାଳେ । ଚକ୍ରବାକ ରାଜହଂସ ବେନି ଯୂଥ କ୍ରୀଡ଼େ କି କାଳିନ୍ଦୀ ଜଳେ । ଜଗନ୍ନାଥର । ଧନ୍ୟ ଏ ପଙ୍କଜ ମାଳ । କଣ୍ଠୁ ଲମ୍ବିଛି ଆଜାନୁ ତଳ । ଶୋଭା ପାଉଛି ହୃଦମଣ୍ଡଳ । ପଙ୍କଜ ମାଳକୁ ହୃଦେ ଚିନ୍ତା କଲେ କି କରି ପାରଇ କାଳ । ୨୪ ।

କିଏ ଅନ୍ଧକାର ଭୂମିରେ ଶୀତାଂଶୁ ଆଦ୍ୟ କଳା ଅଛି ରୂଢ଼ି । କୁକ୍ଷି ଅର୍ଦ୍ଧ ବକ୍ଷସ୍ଥଳ ଦକ୍ଷିଣାଂଶେ କିଏ ଶ୍ୱେତ ପଦ୍ମ ଥାଡ଼ି । ଜଗନ୍ନାଥର । ଧନ୍ୟ ଏ ଶ୍ରୀବତ୍ସଚିହ୍ନ । ଭାବେ ହରୁଅଛି ଭକ୍ତମନ । ଦୀନଜନଙ୍କ ଦୁଃଖ ମୋଚନ । ଆରତତ୍ରାଣ ଅଶରଣ ଶରଣ ନିର୍ଧନ ଲୋକର ଧନ ।୨୫।

ଚାହିଁଲେ ପିଠି ପଛକୁ ନ ଦିଶଇ ଯେଣେ ଚାହିଁ ତେଣେ ମୁଖ । ଯେ ଯେଉଁମାନେ ସେ ପିଠି ଆଶ୍ରେ କଲେ ତରିଲେ ସଂସାର ଦୁଃଖ । ଜଗନ୍ନାଥର । ଧନ୍ୟ ଏ ମହିମା ପଛ । ତହିଁ କିସ ଦେବା ସମକକ୍ଷ । ଯହିଁ ବ୍ରହ୍ମପଦ ଦିଶେ ତୁଚ୍ଛ । କୋଟିଏ କୋଟି ପ୍ରଳୟ ନ ଟଳିବ ପାରିଲେ ପଛକୁ ପଛ । ୨୬ ।

ସପତସିନ୍ଧୁ ଚତୁର୍ଦ୍ଦଶ ଭୁବନ ମେରୁ ଆଦି ଅଷ୍ଟଗିରି । ସପତଦ୍ୱୀପ ଚରାଚର ସହିତେ ଯେଉଁ ଗର୍ଭେ ଛନ୍ତି ପୂରି । ଜଗନ୍ନାଥର । ଧନ୍ୟ ଏ ବିସ୍ତାର ଗର୍ଭ । କୋଟି କୋଟି ବ୍ରହ୍ମାଣ୍ଡକୁ ଠାବ । କେଉଁଠାରେ ଅଛି କେତେ ଦ୍ରବ୍ୟ । ମହାପ୍ରଳୟ ବାସକୁ ଜିଣି ଯହିଁ ବିଶ୍ରାମ କରଇ ଜୀବ । ୨୭ ।

Digitized by PPRACHIN, SOA

ସବିତା ସୁତା ହ୍ରୁକଚ ହୋଇ କପଁ। ରହିଛ କାଞ୍ଚନ ବନ୍ଧେ । ତଳକୁ ଯାଇ ନ ପାରି ଭ୍ରମେ କି ଏ ଭଉଁରି କରୁଛି ମଧ୍ୟେ । ଜଗନ୍ନାଥର । ଧନ୍ୟ ନାଭି ପଦ୍ମ ସ୍ଥାନ । ଯହୁଁ ବିଧାତା ହୋଇଛି ଜନ୍ମ । ଯୋଗୀ ହଜାଇଛି ଯହିଁ ମନ । ଅଶେଷ ରୂପ ବିଧି ମତେ ଯାଉଛି ଯହିଁ ସଂହରେ ପବନ । ୨୮ ।

ଅତିସଂକୀର୍ଣ୍ଣ ବଳୀନ ସୁଘଟଣ ମେରୁ ମେଖଳାକୁ ଜିଣି । ଅଶେଷ ଅଦୃଶ୍ୟ ଦୃଶ୍ୟ ନିମିତ୍ତକୁ ଯହିଁ ଭ୍ରମେ ଦିନମଣି । ଜଗନ୍ନାଥର । ଧନ୍ୟ ଏ ଗୁରୁ ନିତମ୍ବ । ବିଶ୍ୱଭର ବହିବାକୁ ଦମ୍ଭ । ଯୋଗ ଅଷ୍ଟାଙ୍ଗ ଯହୁଁ ଆରମ୍ଭ । ଅଶେଷ କୋଟି ଚରାଚର ମେଦିନୀ ଯେଉଁ ସ୍ଥାନରୁ ଉଦ୍ଭବ । ୨୯ ।

ଚମ୍ପକରଙ୍ଗ ଅରବିନ୍ଦ ପରାଗ ଗନ୍ଧ ନାଗଇନ୍ଦ୍ର ଜିଣି । ପଞ୍ଚ କୁଞ୍ଚିତ ପ୍ରଲମ୍ବ ଗୁରୁବନ୍ଧେ ଶୋଭିତ ଦିବ୍ୟ କାଛେଣି । ଜଗନ୍ନାଥର । ଧନ୍ୟ ଏ ପୀତବସନ । ଘୋର ତମକୁ କରୁଛି ଛନ୍ନ । ବିଦ୍ୟୁତ ଘୋଟିଛି କି ନବଘନ । କୋଟିଏ କୋଟି ମଦନ ବପୁଦର୍ପ ଯେଉଁ ଅଞ୍ଚଳେ ବନ୍ଧନ । ୩୦ ।

ମର୍କତ ଲିଙ୍ଗକୁ ଆଭରଣ କି ଏ ହୋଇଛି କନକ ଫଣୀ । ସିନ୍ଧୁ ମନ୍ଥନ କି ମନ୍ଦର ପର୍ବତେ ଅନନ୍ତ ବାସୁକି ଜିଣି । ଜଗନ୍ନାଥର । ଭଲି ଶୋଭେ ଓଡ଼ିଅଣି । କିଏ ବ୍ରହ୍ମାଣ୍ଡ ବାନ୍ଧିବାରେଣୀ । ମଣି ଆକାଶ ଯନ୍ତ୍ର କଳଣି । ଶୋଭି ଅଣାକାର ବ୍ରହ୍ମମଣ୍ଡଳକୁ ଅନ୍ତର୍ଜ୍ୟୋତି ବେଢ଼ା ଜାଣି । ୩୧ ।

ମାରଗମଣି ମର୍କତ କାନ୍ତି ଜିଣି ବିପରୀତରମ୍ଭା ପ୍ରାୟେ । ପୀତ ପଟ୍ଟ ନୁହେ ଫୁଟି ପ୍ରକାଶନ୍ତେ ଜଗତ ଜନକୁ ଶୋଭେ । ଜଗନ୍ନାଥର । ଧନ୍ୟ ଜାନୁ ଉରୁ ଆଳ । ପଡ଼ି ଶୋଭେ କ୍ଷୁଦ୍ର କିଙ୍କିଣୀମାଳ । ଯାର ଶବଦେ ତୁଟଇ କାଳ । ଯେଉଁ ଆସ୍ଥାନକୁ ଧାଇଁ ବ୍ରହ୍ମଶାପ ଖଣ୍ଡିଲା କଶ୍ୟପ ବାଳ । ୩୨ ।

ମର୍କତ ରମ୍ଭା କି ସୁରଦ୍ରୁମ ଶିଖେ ଯେସନ୍ତେ ଶୋଭାବନ ପନ୍ଥ । ବିପରୀତ କରି ଭୂମିରେ ଢେରନ୍ତେ ଶୋଭି ଦିଶଇ ଯେମନ୍ତ ।

Digitized by PPRACHIN, SOA

ଜଗନ୍ନାଥର । ତେସନକ ପଦ୍ମପାଦ । ତହିଁ ଉପରେ ନୂପୁର ନାଦ । ଶୂନ୍ୟ ଭେଦ ଶୁଭଇ ଶବଦ । ଯେଉଁ ନାଦକୁ ଅନୁସରି ଯୋଗୀନ୍ଦ୍ରେ ଲଭିଲେ ଅକ୍ଷୟ ପଦ । ୩୩ ।

ଅଶେଷ କୋଟି ଚରାଚର ଜାଣି ସେ ଅଭ୍ୟନ୍ତରକୁ ବୋଲି ବେଢି । ବ୍ରହ୍ମାଣ୍ଡ ଭଣ୍ଡେ ବାଜନ୍ତେ ଫାଟିଯାଇ ଶୂନ୍ୟେ ଜାତ ଘଡ଼ଘଡ଼ି । ଜଗନ୍ନାଥର । ଧନ୍ୟ ପାଦପଦ୍ମ ନଖ । ବଶ୍ରମିଛି ଚନ୍ଦ୍ର ସୂର୍ଯ୍ୟ ଶିଖ । ମନ୍ଦାକିନୀ ଝରୁଅଛି ଦେଖ । ଯେବଣ ରସେ ତ୍ରୈଲୋକ୍ୟ ସଂଜୀବନ ତାହା କପାଇଁ ଉପେକ୍ଷ । ୩୪ ।

କୋମଳ ବେନି ଚରଣ ସୁମଙ୍ଗଳ ଅଷ୍ଟାଦଶ ଚିହ୍ନ ସାଜେ । ଧ୍ୱଜ ପଦ୍ମ ବଜ୍ର ଅଙ୍କୁଶ କଳଶ ଇନ୍ଦ୍ର କୋଦଣ୍ଡ ବିରାଜେ । ଜଗନ୍ନାଥର । ଧନ୍ୟ ପାଦପଦ୍ମ ଚିହ୍ନ । ଯବ ଅର୍ଦ୍ଧଚନ୍ଦ୍ରାମ୍ବର ମୀନ । ସ୍ୱସ୍ତିଦଳ ଷଟ ଅଷ୍ଟକୋଣ । ଜମ୍ବୁ ଗୋଷ୍ପଦ ଶଙ୍ଖ ଚକ୍ର ଚିହ୍ନକୁ ବଳା ନିରନ୍ତରେ ମନ । ୩୫ ।

ଶଙ୍ଖ ଚକ୍ର ଗଦା ଶାରଙ୍ଗ ସାୟକ ଖଡଗ ବଜ୍ର ମୂଷଳ । ବେଣୁ ପାଶାଙ୍କୁଶ ଲଙ୍ଗଳ ସହିତେ ଭୂଷଣ ଆୟୁଧକୁଳ । ଜଗନ୍ନାଥର । ଧନ୍ୟ ଏ ସ୍ୱରୂପ ଶୋଭା । କୋଟିବ୍ରହ୍ମାଣ୍ଡେ ଲାଗିଛି ପ୍ରଭା । କସ ପଞ୍ଚାନ୍ତର ଅବା ଦେବା । ଅଶେଷ ଆତଙ୍କ ନାଶିବା ନିମନ୍ତେ ଶାଖାରୂଢ଼େ ହୋଇ ଉଭା । ୩୬ ।

ମୟୂରଚନ୍ଦ୍ର କୁସୁମ ଗଭାଗ୍ରରୁ ଅଳକା ଚନ୍ଦନବନ୍ଦୁ । ଭ୍ରୂଲତା ପିଛଡ଼ା ଶ୍ୱେତପଦ୍ମ ଆଖି କଳା ଧଳା ମୁଖସିନ୍ଧୁ । ଜଗନ୍ନାଥର । ଶ୍ରବଣ କୁଣ୍ଡଳ ନାସା । ମୋତି ମୁଖାଧର ଦନ୍ତ ଭଷା । କଣ୍ଠ କଉସ୍ତୁଭ ଆଦି ମିଶା । ବାହେ ବାହୁଟି ଖାରନେତ କଙ୍କଣ କରାଙ୍ଗୁଳି ଦଏ ଦୃଶା । ୩୭ ।

ହୃଦ ପଙ୍କଜମାଳ ଶ୍ରୀବତ୍ସାଙ୍କୁଶ ପେଠି ଉଦରବନ୍ଧ ନାଭି । କଟି ପୀତବାସ ମେଖଳା କିଙ୍କିଣୀ ଜାନୁଯୁଗଳକୁ ଭାବ । ଜଗନ୍ନାଥର । ଧନ୍ୟ ଏ ପଦ୍ମଚରଣ । କୋଟି ବ୍ରହ୍ମାଣ୍ଡ ଆଦି ଧାରଣ । ଯାକୁ ଭାବେ ପାବତୀରମଣ । ସେ ପାଦପଦ୍ମାଷ୍ଟାଦଶ ଚିହ୍ନେ କୃପାସମୁଦ୍ର ଦାସ ଶରଣ । ୩୮ ।

———

Digitized by PPRACHIN, SOA

ଯଶ ଅପୂର୍ବ୍ବଳ ପରମମଙ୍ଗଳ ଯେଣୁ କର ସବ ଠୁଳ । ବଳଭଦ୍ର ନାମ ଅଛି ଅନୁପମ ଅଶେଷ ବ୍ରହ୍ମାଣ୍ଡ ମୂଳ । ବଳଭଦ୍ରର । ଗୋଚର ନୁହଇ ନାମ । ଯୋଗ ଅଷ୍ଟାଙ୍ଗରେ ପ୍ରାଣାୟାମ । ବେଦମଧେ ଏକାକ୍ଷର ବ୍ରହ୍ମ । କାର୍ଯ୍ୟ କାରଣରୂପେ ଯେତ୍କୁ ବରଷେ ଅନୁକ୍ଷଣେ ପୂର୍ଣ୍ଣ କାମ ।୧।

ଶ୍ରୀମୁଖମଣ୍ଡଳ ଉପରି ଶୋଭିବନ୍ତ ଦିଶଇ ସହସ୍ର ଫଣୀ । ଏକେ ଏକେ କୋଟି ସୂର୍ଯ୍ୟଙ୍କୁ ଗଞ୍ଜଇ ଫଣିପରେ ଦିବ୍ୟମଣି । ବଳଭଦ୍ରର । ଧନ୍ୟ ମଣିଗଣ ପ୍ରଭି । ଯାହା ବୋଲନ୍ତ ପରମ ଶୋଭି । କସ ପଞ୍ଚାନ୍ତର ତହିଁ ଦେବା । ଅଜ୍ଞାନ ତମ ବଦାରଣେ ସହସ୍ର ଅଧ୍ୟାତ୍ମ ଦୀପ ଏ ଅବା ॥

ସହସ୍ର ଫଣୀରେ ଦୁଇ ଯେ ସହସ୍ର ବଲଜେ ଅବ୍ୟକ୍ତ ଜ୍ୟୋତି । ତହିଁକ ଉପମା ବେଦେ ନ ଜାଣନ୍ତି ଶାରଦାର କାହିଁ ଶକ୍ତି । ବଳ-ଭଦ୍ରର । ଧନ୍ୟ ଏ ଉପନୟନ । ସୁଧା ସମ୍ପୂର୍ଣ୍ଣ ନବୀନ ଘନ । କ୍ଲେଶ-ମାନେ ନ ଛୁଳଇ ଧ୍ୟାନ । ବିଷୟାବିଷ ସାଗରକୁ ଅଗସ୍ତି ତହିଁ ଥାଇ ଯାର ମନ । ୩ ।

ସହସ୍ରସ୍ୱରେ ପବନ ସଞ୍ଚରଇ କେ ପାରିବ ଅନ୍ତକରି । ସ୍ୱରକେ ସହସ୍ର ସପ୍ତଶାଖା ହୋଇ ବେଦମାନେ ଯହିଁ ସ୍ଫୁରି । ବଳଭଦ୍ରର । ଧନ୍ୟ ଏ ଫଣୀ ଟବନ । କୋଟି ବ୍ରହ୍ମାଣ୍ଡ ପ୍ରାଣ ଜୀବନ । ଉଦେ ପାଳନ କି ଏ ନିଧାନ । ଆବାହନ ବିସର୍ଜନ ସୁପ୍ରସନ୍ନ ନଛକୂଛ ନିବିଧାନ । ୪ ।

ଅଧକୁ କତୁଙ୍କ ପୀୟୂଷ ଲହରୀ ଦୁର୍ଜନ କାଳକୁ କାଳ । ପ୍ରଳୟ ଅନଳ କି ଏ ବିଦ୍ୟୁମାଳ ଝଟକଇ ଅନ୍ତରାଳ । ବଳଭଦ୍ରର । ଧନ୍ୟ ଏ ଫଣୀ ରସନା । କର୍ମିଙ୍କୁ ଯହିଁ ହୁତାଶନା । କାଳ ପ୍ରଳୟ ଦିପ ଧ୍ୱଂସନା । ପଶୁପୟୁତ ବାଳକ ସମାଗୃରେ ଦୃଷ୍ଟି କରେ ଆଶ୍ୱାସନା ।୫

ମଣିର କାନ୍ତି ନୟନ ଦିବ୍ୟ ଜ୍ୟୋତି ରସନା ପ୍ରଚଣ୍ଡ ତେଜ । କିରଣେ ଛନ୍ତି ଭିନ୍ନ ଭିନ୍ନ ହୋଇ କି କି ଅବା ଅନ୍ଧକା ଗୁହ୍ୟ । ବଳ-ଭଦ୍ରର । ଫଣୀ ନାସାରନ୍ଧ୍ର ତେଡଣେ । ଯହିଁ ଅଛାତ ପରମଶୂନ୍ୟ । ଯାକୁ ଭେଟ ନାହିଁ ଯୋଗଧ୍ୟାନେ । ଫୁଙ୍କାର ଧ୍ୱନି ଗର୍ଜନେ ଉଚ୍ଛୁଳେ ଲୟ କରେ ତତ୍ତ୍ୱଜ୍ଞାନେ । ୬ ।

Digitized by PPRACHIN, SOA

ଅନନ୍ତ ଫଣୀ ଗଣନା ଶେଷ ନୋହେ ଫଣୀ କେ ଅଶେଷ ବସେ । ବ୍ରହ୍ମାଣ୍ଡ କୋଟି ହୃଦସ୍ଥରେ ଭ୍ରମଣ ଆପେ ଅର୍ଦ୍ଧମାତ୍ରା କ ସେ । ବଳଭଦ୍ର । ଫଣୀ ଅଶେଷ ସୁରେଖ । ଜ୍ଞାନ ଲୋଚନେ ନିରେ ନିରେଖ । ସୁଧା ଜାହ୍ନବୀକ ମେରୁଶିଖ । ଯହିଁ ଆବୃତ ଷେଯନ୍ତ ମୁନିମାନେ କର ନାନାବିଧ ସଙ୍ଖ୍ୟ । ୭ ।

ଶ୍ରୀମୁଖମଣ୍ଡଳ ବେଢ଼ି ଢ଼ଳଢ଼ଳ ଫଣୀମାନ ଶୋଭା ଦିଶେ । ସସ୍ତ୍ରପଦାମ୍ବୁଜ ପୁଷ୍କର ବେଢ଼ିଣ ବିକଶିତ ଦଳ କ ସେ । ବଳଭଦ୍ର । ଫଣୀକୁ ଉପମା କିସ । ସୁଧା ଢେଉ କି ଉଦେ ଆକାଶ । ମତ୍ତବାରଣେ ସସ୍ତ୍ର ଅଙ୍କୁଶ । ନିସ୍ପୃତ ତତ୍ତ୍ୱକୁ ଠାବ କରି ବହ୍ନମୂର୍ତ୍ତି ପାଲଟିଛି ହଂସ ॥

ଶିରସିନ୍ଧୁ ବେଢ଼ି ପଞ୍ଚଧାରା ହୋଇ ରହିଛି କି ମନ୍ଦାକିନୀ । ବୈଶ୍ୱାନର ବିଷ୍ଣୁ ବିଧାତା ସ୍ୱରୂପେ ଚନ୍ଦ୍ରରୂପ କାନ୍ତ ଘେନି । ବଳଭଦ୍ର । ଧନ୍ୟ ଶୋଭେ ଶିହ୍ନରେଖା । ନିରାକାର ପଦ୍ମକଳା ଦେଖା । ପଞ୍ଚ ମହାଭୂତ ଆମ୍ନଶାଖା । ଭୂତ ଭବିଷ୍ୟ ବର୍ତ୍ତମାନ ପ୍ରାକର୍ମ ଲଭ ଯେଉଁଠାରେ ଲେଖା । ୯ ।

ସୁସଞ୍ଚ କପୋଳ ଉପଲକ୍ଷ୍ୟ ନାହିଁ ମହାଦିବ୍ୟ ସୂକ୍ଷ୍ମସ୍ଥାନ । ଲୋଚନ ଗୋଚର କେ କରିପାରିବ ଯହିଁ ନ ପଶଇ ଯମ । ବଳଭଦ୍ର । ଧନ୍ୟ କସ୍ତୁରୀ ତିଳକ । ଭେଦାଭେଦ ନାହିଁ ଲୋକାଲୋକ । ଉଦେ ଅସ୍ତ ହୋଇଅଛି ଏକ । ବିଶ୍ୱବିବାସନା ବିଶୁଦ୍ଧ ନିମନ୍ତେ ଶୋଭେ ଶ୍ରୀହସ୍ତ ସନ୍ତକ । ୧୦ ।

ଭଙ୍ଗିମାରେଖ ଭୁଲାଉଛି ତ୍ରୈଲୋକ୍ୟ ଭବାବ୍ଧି ତରଣେ ଭେଳା । ଭ୍ରମରପନ୍ତି କି ମକରନ୍ଦ ଲୋଭେ ଶ୍ରୋଣିପଦ୍ମପରେ ମେଳା । ବଳଭଦ୍ର । ଧନ୍ୟ ଏ ଭ୍ରୂଲତା ରେଖ । ଯହିଁ ନ ଗମଇ ଦୁଃଖ ସୁଖ । ତନ ତନ ଯେଉଁଠାରେ ଏକ । ଭୂମଣ୍ଡଳ ମଧ୍ୟେ ନିମଗ୍ନେ ନିଧାନ ତାର କି ପରମ ସୁଖ । ୧୧ ।

କୃଷ୍ଣ ତିମିର ବେନିଭାଗ ହୋଇ କି ପ୍ରସରିଛି ନିଶାମଣି । ଉଦୟ କାଳେ କି ଆଦିତ୍ୟମଣ୍ଡଳ ଉପରେ ଜଳଦଶ୍ରେଣୀ । ବଳଭଦ୍ର । ଧନ୍ୟ ଏ ନେତ୍ରାବରଣ । ଯହିଁ ବ୍ରହ୍ମାଣ୍ଡ କୋଟି ଶରଣ । ଜଗିଅଛି

Digitized by PPRACHIN, SOA

ଅନିମିଷକ୍ଷଣ । ଯେବଣ ପଲକ ଝଲବା ମାତ୍ରକେ ଅଶେଷ ପ୍ରଳୟ କରଣ । ୧୨ ।

କ୍ଷୀରସିନ୍ଧୁ ମଧ୍ୟେ ସ୍ଥଳପଦ୍ମ ବେନି ବିକାଶିଛ ଏକା ମୂର୍ତ୍ତି । ପରମ-ପୀୟୂଷ ଭ୍ରମର ଭ୍ରମଣି ଚୁମ୍ବୁଛନ୍ତି ଉଦେକାନ୍ତି । ବଳଭଦ୍ର । ଧନ୍ୟ ଡୋଳା ଅବତଂସେ । ସିଂସା ଝଟକଛ ପ୍ରେମ ଆକାଶେ । ମହାଘୋର ଅନ୍ଧକାର ନାଶେ । ଭୂତ ଭବିଷ୍ୟ ବର୍ତ୍ତମାନ ଚେତନା ମନ ବୁଦ୍ଧି ଯହିଁ ଦିଶେ । ୧୩ ।

କବା କୋକନଦ ରକ୍ତ କୁମୁଦ ଓଡ୍ରପୁଷ୍ପ ନିନ୍ଦାକରେ । ଦଗଧ କାଞ୍ଚନ କି ଏ ବିଦ୍ୟୁଚ୍ଛଳି ଅଙ୍କିତ ସୁଧା ଅଧରେ । ବଳଭଦ୍ର । ନୟନକୁ ନୋହେ ସମ । ଭକ୍ତି ପ୍ରେମରସ ମଧ୍ୟେ ଘୂର୍ଣ୍ଣ । ଫିଟିଅଛ ଗୁଣାତ୍ମକ ଭ୍ରମ । କେବଳ ମାତ୍ର ମନରେ ଅଭ୍ୟାସିଲେ ସରଇ ସଂସାର ଭ୍ରମ । ୧୪ ।

ବାମ ଡାହାଣେ ଦକ୍ଷିଣାବର୍ତ୍ତ ହୋଇ ରହିଛ କି ଶଙ୍ଖ ବେନି । ଅନାଦି ଶମ୍ଭୁକୁ ପଚ୍ଚ ଅଧୋନାଳେ ଡେରିଲା ବା ପଦ୍ମଯୋନି । ବଳ-ଭଦ୍ର । ଧନ୍ୟ ଏ ଶ୍ରୁତିଯୁଗଳ । ଯହିଁ ଧୃତ ମକରକୁଣ୍ଡଳ । ପ୍ରାଣି ଚିନ୍ତା ନିବେଦନ ସ୍ଥଳ । ବ୍ରହ୍ମା ଷଟପଦକ୍ଷର ପଚ୍ଚଜନ ପ୍ରସମ ବେଦାନ୍ତ ମୂଳ । ୧୫ ।

କୋଟିଏ ବର୍ଣ୍ଣ ସୁବର୍ଣ୍ଣ ନିନ୍ଦାକରେ ସହସ୍ରଫଣା ଆକୃତ । ଅଶେଷ ଯାକୁ ତଳ ଗ୍ରୈପା ପ୍ରମାଣେ ଯେଉଁ ବିଭୂଷିତ ମୂର୍ତ୍ତି । ବଳଭଦ୍ର । ଧନ୍ୟ ଏ କର୍ଣ୍ଣକୁଣ୍ଡଳ । ପଞ୍ଚଭୂତ ହିଗ ଅନ୍ତରଳ । ଲଗି ଲୁଳେ ବ୍ରହ୍ମାଣ୍ଡ-ମଣ୍ଡଳ । ତୀର୍ଥ ସମୂହ ଆଶ୍ରିତ ଯହିଁ ଯେନି କାରୁଣ୍ୟ ନବୀନଜଳ ।୧୬।

ମହା ଯୋଗ ଯଜ୍ଞ କୁଣ୍ଡରେ ଧାରିତ ଆହୁତ କ୍ଷେପିବା ପାଇଁ । ପ୍ରାଣ ଅନଳରେ ଅପାନ ପୂରିଇ ଆଧାନେ ପ୍ରାଣ ସଂଜାତ । ବଳଭଦ୍ର । ଧନ୍ୟ ଯୋଗାରୂଢ଼ ନାସା । ଯହିଁ ନିରନ୍ତରେ ଉଦେ ହଂସା । ଆତ ଯାତ ଦୁଇମାର୍ଗ ମିଶା । ସଂଯମ ଯୋଗାଗ୍ନି ଅଧ୍ୟାତ୍ମ ବିଦବୁଁ ଉର୍ଦ୍ଧ୍ୱକୁ ଝଟକଛ ସିଂସା । ୧୭ ।

Digitized by PPRACHIN, SOA

ଚତୁର୍ବେଦ ଷଡ଼ ଶାସ୍ତ୍ରଙ୍କ ସହିତେ ପୁରାଣାଦି ଅଷ୍ଟାଦଶ । ଯାର ଶ୍ରୁତି ସ୍ମୃତି ବ୍ୟାକରଣ କାବ୍ୟ ନାଟକ କଳ୍ପିତ ହାସ । ବଳଭଦ୍ରର । ଧନ୍ୟ ସେ ସ୍ମିତ ଅଧର । ଅର୍ଦ୍ଧମାତ୍ରା ଯହିଁ ଅବତାର । ଗର୍ଭେ ଧରଛି ଘଚରାଚର । ଉତ୍ପତ୍ତି ସ୍ଥିତି ପ୍ରଳୟର କାରଣ ସନ୍ଧିଧିରୁ ଦୂରନ୍ତର ।୧୮।

ମୋତି ଗୀରବନେ କୁନ୍ଦହି କାଞ୍ଚନେ ଦାଡ଼ିମ ହୃଦସ୍ଥ ଫାଟେ । ସ୍ଥିର କଣିକ ବିଶ୍ୱକର୍ମା କୁନ୍ଦିଲେ ସେହି ଉପମାନ ଘଟେ । ବଳଭଦ୍ରର । ଧନ୍ୟ ଦନ୍ତପନ୍ତ ଶୋଭା । ବସ୍ତୁଗଣ ଯେଉଁଠାରେ ପ୍ରଭା । ଦୃଷ୍ଟି ଗୋଚର କେ କରୁ ଅବା । ଶବଦ ଭେଦ ପରମାତ୍ମା ଭକତେ ପ୍ରକାଶେ କଳ୍ପିତ ଆଭା । ୧୯ ।

କେବଳ ଏକାକ୍ଷର ତତ୍ତ୍ୱ ଶବଦ ସଞ୍ଚରେ ଶ୍ରୀମୁଖ ଧ୍ୱନି । ବ୍ରହ୍ମାଦିରୁ କୀଟ ପର୍ଯ୍ୟନ୍ତେ ଭାଷା ସେହିଠାରୁ ଭିନ୍ନ ହେଉନି । ବଳଭଦ୍ରର । ଧନ୍ୟ ଶ୍ରୀମୁଖ ବଚନ । ଭବ ଭୁଜଙ୍ଗ ବିଷ ମୋଚନ । ଯାହା ଶୁଣୁଛନ୍ତି ତ୍ରିଲୋଚନ । ସନକାଦିଗଣେ ଏ ଭାଷା ବୁଝିଣ ସର୍ବମତ ନିଶ୍ଚିନ୍ତନ ।୨୦।

ବାହ୍ୟରେ ସହସ୍ରେ ପାଖୁଡ଼ା ବିକାଶେ ଅନ୍ତରେ ତତ୍ତ୍ୱ ସ୍ୱରୂପ । କେସର ମଧ୍ୟେ ଚୁମ୍ବିଇ ମହାଭୃଙ୍ଗ ଆବୋର ଅମିୟ କୂପ । ବଳଭଦ୍ରର । ଧନ୍ୟ ମୁଖପଦ୍ମ କାନ୍ତି । ଉଦେ ଉର୍ମି ଧୂର୍ମି ଜ୍ୱାଳା ଜ୍ୟୋତି । ହେଉଛି ସତ ଧୃତ ସମ ଶାନ୍ତି । ଅଷ୍ଟାବିଂଶତି କଳାରେ ପ୍ରକାଶିଛି ହଜାଇ ଦିବସ ରାତ୍ରି । ୨୧ ।

ଅଶେଷ ଶବଦ ଆଶା ହେଉନ ଯହିଁ ବିଶ୍ରାମିଛି ଅକାରାଦି । ଷଷ୍ଠଦଶ ଦଳ ଶମ୍ଭୁ ଶିରେ ଗଙ୍ଗା ଅଭିଷେକ ଶୂନ୍ୟ ଭେଦି । ବଳଭଦ୍ରର । ଧନ୍ୟ ଶୋହେ ଗ୍ରୀବାସ୍ଥଳ । ଯହିଁ ଝୁଲଇ ବ୍ରହ୍ମାଣ୍ଡ ମାଳ । ମହାଶୂନ୍ୟକୁ ବନ୍ଧ ଅର୍ଗଳ । ପରମହଂସ ପଞ୍ଜରରେ ପୂରିଇ ଖଞ୍ଜିଛି କପାଟ କଳ ॥

କୋଟିଏ କୋଟି ବଜ୍ରହୁଁ କଠିନ ଯେ ନବ ସୁସଙ୍ଗ କୋମଳ । ପାଳକ ପୁରୁଷ ନିଧାନ ଶ୍ରୀଲୋକେ ବିହିତ ଦ୍ୱାଦଶ ଦଳ । ବଳଭଦ୍ରର । ଧନ୍ୟ ଏ ହୃଦସ୍ଥ ଦେଶ । ଯହିଁ ବିହରେ ଶ୍ରୀପୀତବାସ । ଘନଜନ-ଦୁରିତ ବିନାଶ । ସ୍ୱେଦଜ ଅଣ୍ଡଜ ଯାର ଯେଉଁ ବୀଜ ଉଦ୍ଭିଦ-ଲୋକେ ବିଶେଷ । ୨୩ ।

Digitized by PPRACHIN, SOA

ଶ୍ୱେତ ପୀତ ରକ୍ତ ଆଦିତ୍ୟ ଚନ୍ଦ୍ରମା ଅନଳ ତାରକାପନ୍ତ । ଜଗତ ମଧ୍ୟରେ ଯାବତ ଜ୍ୟୋତ୍ସ୍ନା ଯେଉଁ ବର୍ଣ୍ଣରେ ଧ୍ୱଜନ୍ତ । ବଳଭଦ୍ରର । ଧନ୍ୟ କୃଷ୍ଣ ନୀଳମଣି । ପ୍ରଭା ବ୍ୟାପେ ଲୋକାଲୋକ ଜାଣି । ପ୍ରତିବିମ୍ବ ଛି କୋଟି ଧରଣି । ଶ୍ରୀକାମପାଳ ହୃଦରେ ଶୋଭିବନ ଅଧୋଭାଗେ ଲମ୍ବଳଣୀ । ୨୪ ।

ନବୀନ କୋମଳ ତମାଳ ତୁଳସୀ ସଞ୍ଜ ଘନ ଅତି ପୁଷ୍ଟ । ଜାନୁ ଯୁଗଳ ପର୍ଯ୍ୟନ୍ତେ ଲମ୍ବିଛି ଅବୋହଣ କଣ୍ଠତଟ । ବଳଭଦ୍ରର । ଧନ୍ୟ ଏ ତୁଳସୀହାର । ଦିବ୍ୟ ଗନ୍ଧ ମୋଦେ ଚରାଚର । ଭକ୍ତଲୋକଙ୍କୁ କି କର୍ଣ୍ଣ-ଧାର । ଅନନ୍ତ ହୃଦୟ ଦେବେ ଅଗୋଚର କେ କରିବ ଅନ୍ତ ପାର ।୨୫

ଦନ୍ତ୍ୱାରେ ଯୁକ୍ତ ସ୍ୱଭାବେ ଆଚମ୍ବିତ ଦାସଜନଙ୍କ ବିଶ୍ୱାସ । ପରମା-ନନ୍ଦ ପରିପତ ପୁଷ୍ପ ସେ ଭୃଙ୍ଗ ନ ଘେନଇ ବାସ । ବଳଭଦ୍ରର । ଧନ୍ୟ ଏ ଦମ୍ବଣାମାଳ । ବେଢ଼ି ଶୋଭେ ହୃଦୟ ମଣ୍ଡଳ । ଲକ୍ଷ୍ୟ ନାହିଁ ଦିବ-ଭୂବ ସ୍ଥଳ । ଷୀରବ୍ଧିମନ୍ଥନେ ସୁଧା ଉତପନ ଶୋଭେ କିଏ ବନ୍ଧ୍ୟ-କୂଳ । ୨୬ ।

ସୁଧାକର ମଧ୍ୟେ ନବଘନ ଦେଖି ବେଢ଼ି ରହିଲେ ଗୃତକ । ଦମ୍ବଣା ତୁଳସୀମାଳ ମଣିକାନ୍ତ ବେଢି ତେଜେ କୁରୁବକ । ବଳ-ଭଦ୍ରର । ମରୁଆ ମାଳତୀ ଧନ୍ୟ । କାହିଁ ବସି କଲା କେତେ ପୁଣ୍ୟ । ତେଣୁ ମଣ୍ଡିଛି ପରମଶୂନ୍ୟ । ଲକ୍ଷ୍ମୀ ଲୋଚନେ ଯା ଯୋଗୀନ୍ଦ୍ର ନ ଦେଖେ ତହିଁ ଲଭ ଛନ୍ଦ ଭିନ୍ନ । ୨୭ ।

ମହା ବକ୍ରାଞ୍ଚଳ ପୁରନ୍ଦର ଧନୁ ଆନନ୍ଦେ କରଛି ଲୋଳ । ଶଙ୍ଖ ଗୋକ୍ଷୀର କୁନ୍ଦେନ୍ଦୁ କଳେବର ତେଣୁ ଶୋଭେ ଦିବ୍ୟମାଳ । ବଳଭଦ୍ରର । ଧନ୍ୟ ଇନ୍ଦୀବର ହାର । ଗନ୍ଧପ୍ରକଟେ କସ୍ତୁରୀ ପର । ସୂକ୍ଷ୍ମ ନିଧାନ ତମ ପ୍ରକାର । କିଏ ପୂଣ୍ୟ ଗିରିତଟୁ ପ୍ରସରଛି ସାନ୍ଦ୍ରା-ନନ୍ଦରସଧାର । ୨୮ ।

କେବଳ ମାତ୍ର ସେ ତହିଁ ଉପସ୍ଥିତ ଆନ ତା ଦେଖିବ କାହିଁ । ଦେବେ ଦୁର୍ଲଭ ମାନବେ ଅଗୋଚର ବ୍ରହ୍ମାଣ୍ଡ ମଧ୍ୟରେ ନାହିଁ । ବଳଭଦ୍ରର । ଅସିତ-ପଙ୍କଜମାଳ । କଣ୍ଠୁ ଲମ୍ବିଛି ଚରଣ ତଳ । ଯେଣୁ

Digitized by PPRACHIN, SOA

ଶରୀର କାନ୍ତି ଧବଳ । ତେଣୁ ଶୋଭିବଲ ଅଙ୍ଗେ ବିଭୂଷିତ ବିଶେଷତ ପୀତ ନୀଳ । ୨୯ ।

ଅନାଦିକନ୍ଦ ନିତ୍ୟ ତତ୍ତ୍ୱ ବୃକ୍ଷରୁ ଯେବଣ ଶାଖା ପଲ୍ଲବ । କାହ୍ନୁ କେତେ ଦୂର ବିସ୍ତାର ହୋଇଛି କେ ଅବା ପାରିବ ଭାବି । ବଳଭଦ୍ରର । ଭୁଜ ପରିମାଣ ନାହିଁ । କେତେ ଆୟୁଧ ଭୂଷଣ କାହିଁ । ଦୀନଜନଙ୍କ ରକ୍ଷଣ ପାଇଁ ! ଅନନ୍ତ ବାହୁ ବୋଲି ସେ ତେଣୁ କରି ନିଗମରେ ଅଛି କହି । ୩୦ ।

ପ୍ରବାହ ସୁର ସରିତ ମଧ୍ୟେ କି ଏ ମହାସେତୁ ଶୋଭି ଦିଶେ । ମାରିଗ ନୀଳମଣିରେ ଅଷ୍ଟରତ୍ନ ଦ୍ରବ୍ୟ କମନୀୟ ବସେ । ବଳଭଦ୍ରର । ଧନ୍ୟ ଏ ଅଙ୍ଗଦମାନେ । ଶୋଭି ପାଉଛନ୍ତି ଯେଉଁସ୍ଥାନେ । ପ୍ରତି ଉପମା ନ ଘଟେ ଆନେ । ଦେବଲୋକେ ଯେଉଁ ବିହାର କରନ୍ତି ବସି ଜ୍ୟୋତି ଚଢି ଯାନେ । ୩୧ ।

ପଞ୍ଚ ମହାଭୂତ ପାଖୁଡ଼ା ନିର୍ମାଣ ବିପରୀତ ପଦ୍ମକୋଷ । କଣ୍ଠରେ ବସି ମଧୁବ୍ରତ ମଣ୍ଡଳୀ ଆସ୍ୱାଦେ କି ମଧୁରସ । ବଳଭଦ୍ରର । ଧନ୍ୟ ମର୍କତବଳୟ । ସୁଧାଧାରେ ଚକୋର ନିର୍ଭୟ । କି ଏ ପ୍ରାକର୍ମ ସିନ୍ଧୁବଳୟ । ଶୁଦ୍ଧାଙ୍ଗ ଶମ୍ବୁ ଶକତ ଆଛାଦିତ କି ଏ ଦଳକୁବଳୟ । ୩୨ ।

ବିପରୀତ ବୃକ୍ଷ ସୁପଲ୍ଲବ ଶୋଭି ବ୍ରହ୍ମାଣ୍ଡେ ଉପମା ନାହିଁ । ଅଶେଷ ବିଦ୍ୟା ସାଧ୍ୟ ସିଦ୍ଧି କରଣେ ଜନ୍ମୁ ଆରୋପଣ ଯହିଁ । ବଳଭଦ୍ରର । ଧନ୍ୟ ଶୋହେ ଭୁଜପଦ୍ମ । ଯହିଁ ଉତପତ୍ତି ଲୟ ସ୍ଥିତ । କି ଏ ଉଦେ ଆଦିତ୍ୟ ଜଗତ । ଅଖିଳ ରଙ୍ଗ ଗର୍ଭଗତ କରିଣ ପ୍ରକାଶ କରିଛି ସତ୍ୟ । ୩୩ ।

ଗନ୍ଧମାଦନ ବଇକୁଣ୍ଠ କୈଳାସ ଚନ୍ଦ୍ରଶୈଳ ଉଦେଗିରି । ଏପଞ୍ଚ ପର୍ବତ ଉପମା ରଖିଲେ ଅଙ୍ଗୁଷ୍ଠିକି ନୋହେ ସରି । ବଳଭଦ୍ରର । ଧନ୍ୟ କରପଦ୍ମ ଶାଖା । ନଖଯନ୍ତ୍ର ଶୋହେ ଚନ୍ଦ୍ରରେଖା । ପଞ୍ଚ ଅଂଶୁ ଅଂଶେ ଅନାମିକା । ବଂଶ ପର୍ବରୁ ବିଶ୍ୱକାର ପୁରୁଷ ପର୍ବରେ ରହିଛି ଏକା । ୩୪ ।

Digitized by PPRACHIN, SOA

ଧାତା ପବନ ଭବ ବନ୍ଧ କପୋଳେ ଶ୍ରୀହରି ମକର ମୁଦ୍ର । ଶ୍ରୀ ଆଦ୍ଧ ଦେବ ଅଙ୍ଗୁଷ୍ଠି ଶୋଭିବନ ସଂସ୍କୃତ ଚକ୍ରକୁ ଭେଦ । ବଳଭଦ୍ରର । ଧନ୍ୟ ଏ ଦିବ୍ୟ ମୁଦ୍ରିକା । ଖଞ୍ଜି ଶୋଭେ ନାଗମଣି ରେଖା । ବ୍ରହ୍ମା ଶଙ୍କର ଯହିଁ ନାଏକା । ଆବ୍ରହ୍ମ ସ୍ତମ୍ଭ ପର୍ଯ୍ୟନ୍ତେ ଲାଗିଛି ମଣ୍ଡଳ ଆକାରେ ଏକା । ୩୫ ।

ପ୍ରଣାମ ପ୍ରତ୍ୟାହାର ଧ୍ୟାନ ଧାରଣା ସଂଯମ ସମାଧି ବଳ । ଲକ୍ଷ୍ୟରେ ନିମଗ୍ନ ହୋଇ ଆତ୍ମଜ୍ଞାନୀ ହେବୁ ଯେମନ୍ତ ନିର୍ମଳ । ବଳଭଦ୍ରର । ତେମନ୍ତ କାୟା ସୁଷମ । ତଥିପରେ ଲାଗି ଚତୁଃସମ । ତତ୍ତ୍ୱପରେ କି ଏ ଭକ୍ତପ୍ରେମ । ଯୋଗ ଜ୍ଞାନ ପ୍ରେମଭକ୍ତିରେ ବଶ୍ୟର ଏ ସେ ତତ୍ତ୍ୱ ପ୍ରେମବ୍ରହ୍ମ । ୩୬ ।

ଧନ୍ୟ ସେ ପିଠି କୁଳଶ କୋଟି କୋଟି ନୋହିବ ନା ଏଡ଼େଦଣ୍ଡ । ଭୂତ-ବିଭୂତେ ଯହିଁ ଯେତେ ରଚନା ତାହା ବିନୁ ନାହିଁ ବଡ଼ । ବଳଭଦ୍ରର । ଧନ୍ୟ ମହିମା ଏ ପୃଷ୍ଠ । ନିଶ୍ଚେ ଶ୍ରେଷ୍ଠ ସିନ୍ଧୁ ସୁଧାତଟ । ଭକ୍ତ ଜନଙ୍କ ପଦ ମୁକୁଟ । ଯେଯେତେ ଆଶ୍ଚର୍ଯ୍ୟ ଅବା କରିଥାଉ ଏଡ଼େ ତ ନୋହିବ ଆଣ୍ଠ । ୩୭ ।

ପ୍ରାଣାଦି ଦଶ ପବନ ପଶେ ଯହିଁ ଭ୍ରମେ ଚକ୍ରାକାର ହୋଇ । ଆଧାର ଚକ୍ରରୁ ରସସାର ଟେକେ ଶ୍ରୀହିଷ୍ଠ ପଟଣା ନେଇ । ବଳଭଦ୍ରର । ଧନ୍ୟ ଏ ଉଦର ସ୍ଥଳ । ଯହିଁ ଅଛେ ଦଶଦିଗପାଳ । ଏକାଦଶ ଇନ୍ଦ୍ରିୟଙ୍କ ମୂଳ । ଯହିଁ ବ୍ରହ୍ମାଣ୍ଡ ଭକ୍ଷକର ପାରଇ ସମିଧ ବିନୁ ଅନଳ । ୩୮ ।

ନବକାର ଟୋପ କି ଏ ସୁଧା କୂପ କିଅବା ଭ୍ରମର ଗୁମ୍ଫା । ଅବ୍ୟକ୍ତ ବୃକ୍ଷ କି ନିରଞ୍ଜନ ଫଳ ଗୃହିଁଛି ସେଠାରେ ସଖା । ବଳଭଦ୍ରର । ଧନ୍ୟ ଏ ନାଭି ବିସ୍ତାର । ଚକ୍ର ଭ୍ରମୁଛି କି ଖଣ୍ଡଧାର । ଯହିଁ ନିର୍ମାଣ ଘଟ ସଞ୍ଚାର । ମହତ ବୃକ୍ଷ ମୂଳ ପ୍ରାୟେ ଦିଶଇ ନ ଜାଣି ତା ଅନ୍ତପାର । ୩୯ ।

· କମଠ ପୃଷ୍ଠେ କି ବ୍ରହ୍ମାଣ୍ଡ କଟାହ ସୁସଜ୍ଜେ ଅଛି ବସାଇ । କିବା ଓମିତ ଶିଖରେ ଅର୍ଦ୍ଧମାତ୍ରା ଅଛି ତାକୁ କୋଳେ ନେଇ । ବଳଭଦ୍ରର ।

Digitized by PPRACHIN, SOA

ଧନ୍ୟ ଶୋଭେ କଟିଭାଗ । ଫେରୁ ପରେ ମେରୁ ଘେନ ନାଗ । ଯହିଁ ଧରିଛନ୍ତି ଦଣ୍ଡଦାଗ । ଗଙ୍ଗା ଯମୁନା ସରସ୍ୱତୀ ସିନ୍ଧୁ କି ଆପେ ଦକ୍ଷିଣ ପ୍ରୟାଗ । ୪୦ ।

ବ୍ରହ୍ମାନନ୍ଦ ମୂର୍ତ୍ତି ବାରିନିଧି ମଧ୍ୟେ ଚନ୍ଦ୍ରରେ ମେରୁ ନିର୍ମାଣି । ପ୍ରେମାନନ୍ଦ ରସ ସମୃଦ୍ଧ ମେଘେ କି ଟେକିଅଛି ଶୂନ୍ୟେ ଆଣି । ବଳଭଦ୍ରର । ତେଣୁ ଶୋଭେ ପୀତାମ୍ବର । କେବା ବର୍ଣ୍ଣିବ ଛବି ସମ୍ଭାର । ପାଦତଳେ ଅଳେଳେ ଫେର । ଯେବଣ ଅଞ୍ଚଳ ତଳେ ମହାପ୍ରଳୟେ ବିହରେ ସଚରାଚର । ୪୧ ।

ବେନି ପକ୍ଷ ରାଜ ଦିବାକୁଳାକୃତ ରାହୁ ଚନ୍ଦ୍ର ଯୁକ୍ତ ତମ । କ୍ଷୀରାବ୍ଧି କାରୁଣ୍ୟ ଆଲୋକକୁ କି ଏ ବାଡ଼ିଛି ପରମଧାମ । ବଳଭଦ୍ରର । ଧନ୍ୟ ଏ କଟି ମେଖଳା । ବେଦ ଶାସ୍ତ୍ରେ ନ ଯାଇ ସମ୍ଭୋଳା । ଧ୍ୟାନେ କୋଟି କଳୁଷ ପ୍ରଖର । ତ୍ରୈଲୋକ୍ୟ ଅର୍ଜିତ ଜାତ ଲଗାଇଛି ଭକତ ଭବ ସୁଫଳା । ୪୨ ।

ନିତ୍ୟ ବିଶ୍ୱାରମ୍ଭ ନିର୍ମାଣ ସ୍ତମ୍ଭ କି ସୁରଶାଖୀର ଓଦ୍ଭଳ । ମୁନି ମନ ମତ୍ତ ବାରଣ ବନ୍ଧନେ କି ଏ କଠିନ ଅର୍ଗଳ । ବଳଭଦ୍ରର । କି ଉପମା ଦେବା ଜାନୁ । ସିନ୍ଧୁମଧ୍ୟେ କି ଅମୀୟ ତନୁ । ଘନଗର୍ଭେ କି ଛୁରିତ ଭାନୁ । କି ଏ ସାନ୍ଦ୍ରାନନ୍ଦ ପାରୁଶେ ଅଧ୍ୟାତ୍ମ ଯୁଗ ପାଲଟେ ଗଗନୁ ।୪୩।

ପଞ୍ଚାଶତ କୋଟି ବ୍ରହ୍ମାଣ୍ଡ ମଣ୍ଡଳ କମଳ ଦଳ ଆକାର । ଭୂଗୋଳ ଚକ୍ର ସଜାଡ଼ ଯେସନେକେ ମେରୁ ରଖିଛି ଅଧର । ବଳଭଦ୍ରର । ଧନ୍ୟ ଶୋଭେ ପଦ୍ମାସନ । ସିନ୍ଧୁ ଜାନୁ ସନ୍ଧି ସୁସମାନ । ଶିବ ଶାଙ୍କୋଳ ନଦୀ ବିଧାନ । ସପତ ଦ୍ୱୀପା ପୃଥିବୀ ପ୍ରାପ୍ତ ଦିଶେ ପାଦାବ୍ଦରୁ ଉରୁ ସ୍ଥାନ । ୪୪ ।

ଶିଖି ସିନ୍ଧୁପରେ କାଳିନ୍ଦୀ ଆଚ୍ଛାଦି ଫୁଟିଛି ବେନି କମଳ । ଅରୁଣ କାନ୍ତି ବିଦ୍ରୁମରଙ୍ଗ ଜ୍ୟୋତି ସମ ନାହିଁ ରବିତଳ । ବଳଭଦ୍ରର । ଧନ୍ୟ ଶୋଭେ ପାଦପଦ୍ମ । ଯହିଁ ତଳାର୍ଦ୍ଧରେ ନାହିଁ ଛଦ୍ମ । ଭକ୍ତ ମନବାଞ୍ଛା-ସ୍ଥିତସଦ୍ମ । ସୁର ନର ନାଗ କିନ୍ନର ବ୍ରହ୍ମାଦି ଯେଉଁଠାରେ ସେବା ଉଦ୍ମ* । ୪୫ ।

---

* ଉଦ୍ୟମ-ବିଦ୍ୟଯତପାତଭଙ୍ଗ ଆଶଙ୍କାରେ ଉଦ୍ମ କରିଅଛନ୍ତି ।

Digitized by PPRACHIN, SOA

କେବଳ ହର ଚରଣେ ଅଷ୍ଟାଦଶ ଚର୍ଚ୍ଚିଲେ କେକଲ୍ଲ ଭେଦ । ଗୋଚର କରି ନ ପାରନ୍ତି ନିଗମ ସହସ୍ରଶିର ଶ୍ରୀପାଦ । ବଳଭଦ୍ରର । ଏ ସେ ପାଦପଦ୍ମ ଚିହ୍ନ । ଯହିଁ ବ୍ରହ୍ମା ହୋଇଅଛନ୍ତି ଲୀନ ।।ତହିଁ ନ ପଶେ ଶଶୀ ତପନ । ଅଶେଷ ଜ୍ଞାନ ଉପଦେଶ ନିପୁନ ନୁହଇ ମନୁ ଗୋପନ । ୪୬ ।

ଗଙ୍ଗାଦି ତୀର୍ଥ ବ୍ରହ୍ମାଦି ଲୋକନାଥ ମେରୁ ଆଦି ଗିରିଗଣ । ବାସୁକି ଆଦି ମହୀଧର ସମୂହେ ରେଣୁ ସେବଣ ଚରଣ । ବଳଭଦ୍ରର । ପାଦଚିହ୍ନ କେବା ଜାଣୁ । ଯହିଁ ବସୁମତୀ ସୂକ୍ଷ୍ମରେଣୁ । ଅଣୁକଣ୍ଠା ହେବାପରମାଣୁ । କେଉଁ ରେଖାରେ କେତେ ସୃଷ୍ଟି ରହିଛି ଗୋଚର ନୁହଇ ତେଣୁ ॥

ଜାଣିବ କେ ଲକ୍ଷସହସ୍ର ମୁଖେ ପୁଛି ଯାହାର ମହିମା ଏଡ଼େ । କୋଟିଏ କୋଟି ବ୍ରହ୍ମାଣ୍ଡ ସଂହରନ୍ତି ଏକ ଏକ ରୋମ ଝୋଡ଼େ । ବଳଭଦ୍ରର । ମହିମା ଅତି ଅଗମ୍ୟ । ସର୍ବ ଗୁଣେ ନିର୍ବିକାର ବ୍ରହ୍ମ । କାହିଁ ବ୍ରହ୍ମଯାଏ ସର୍ବ ସମ । କେ ତା ରୂପ ଗୁଣ ଆଦ୍ୟନ୍ତ କରିବ କେବଳ ଆଶ୍ରୟ ନାମ । ୪୮ ।

ଅନନ୍ତ ମୂରତି ଅନନ୍ତ ଶକତି ଅନନ୍ତ ଚରଣ ବାହୁ । ଅନନ୍ତ ଚକ୍ଷୁ ନାସିକା କର୍ଣ୍ଣ ମୁଖ ଅନ୍ତ କରି ପାରେ କେହୁ । ବଳଭଦ୍ରର । ମହିମା ଅତି ଅପାର । କୃପା ବାରିଧି କ୍ଷମାସାଗର । ଦୀନ ଜନଙ୍କର ସ୍ୱାର୍ଥଧର । ଅଶେଷ ଜନଙ୍କ ବିଶ୍ୱାସ ପୁରୁଷ ଲେଶେହେଁ ନାହିଁ ଅନ୍ତର । ୪୯ ।

ଅନନ୍ତ ବିଦ୍ୟା ପରିପୂର୍ଣ୍ଣ ପୁରୁଷ ଅନୁଗ୍ରହେ ଅନ୍ତ ନାହିଁ । ଅନନ୍ତ ଆୟୁଧ କରେ ବିଭୂଷିତ ମାୟୀଙ୍କୁ ମୋହିବା ପାଇଁ । ବଳଭଦ୍ରର । ଚରଣ ପଙ୍କଜ ତଳେ । ସାଧୁଜନଙ୍କ କରୁଣାବଳେ । ଗୁରୁ ଗୋବିନ୍ଦ କରୁଣା ଫଳେ । କୃପାସମୁଦ୍ର ଦାସ ପଶେ ଶରଣ ଭବାବ୍ଧି ତରିବା ହେଲେ । ୫୦ ।

ଅବ୍ୟକ୍ତ ଅନାଦି ନିତ୍ୟଗୁଣ ଭେଦ ପ୍ରକାଶେ ବ୍ରହ୍ମ ସ୍ୱରୂପ । ଚରାଚର ସ୍ଥିତି ପ୍ରଳୟ ଉତ୍ପତ୍ତି କାରଣ କରୁଣା ରୂପ । ସେ ସୁଭଦ୍ରାର । ପରମ ମଙ୍ଗଳ ବାନା । ଦୀନଜନଙ୍କର ବଜ୍ରସେହ୍ନା । ଯୋଗି ହୃଦୟ ଭକ୍ତ ଭାବନା । ଚତୁର୍ଦ୍ଧୟ ମୁକ୍ତି ବୃଷ୍ଟି ତ ହେଉଛି ଶିର ପାଦ ଯାଏ ଅଂନା ॥

Digitized by PPRACHIN, SOA

ଚମ୍ପକ ଦୟଣା ମାଳତୀ ତୁଳସୀ ଆମୋଦେ ଭେଦ ବିଭେଦ । ହେମ ଗିରି ଲତା ପୁଷ୍ପ ମକରନ୍ଦେ ମତ୍ତ ଭୃଙ୍ଗଜ ଆନନ୍ଦ । ସେ ସୁଭଦ୍ରାର । ଧନ୍ୟ ଏ କୁସୁମ ଗନ୍ଧ । ଗୃହ୍ନିଁ ଭକ୍ତଜନ ଅନ୍ତ ଲୋଭ । ଲୋକ ଅଲୋକେ ପରମ ଶୋଭ । ଅଶେଷ ଦୁରିତ ତିମିର ନାଶନେ ଅଟଇ ତପନ ପ୍ରଭ । ୨ ।

ଅପୂର୍ବ ସୁସଜ୍ଜ ନାହିଁ ଉଚ୍ଚନୀଚ ମୁଣ୍ଡ ମନୋହରସ୍ଥାନ । ଦିବ୍ୟରତ୍ନମାନ ଏକୁଁ ଏକେ ଭିନ୍ନ ଝଟକଇ ଛନ ଛନ । ସେ ସୁଭଦ୍ରାର । ଧନ୍ୟ ଶୋଭେ ଭାଲପଟ । ମୁଖ ପରମ ସିନ୍ଦୁର ତଟ । ଜୀବ ପରମ ଯହିଁରେ ଭେଟ । ଅଶେଷ ବିଷୟ ରସ ଦୂରେ ତେଜି ଦର୍ଶନେ ମନ ଲମ୍ପଟ । ୩ ।

ଘନଶ୍ୟାମ ଚମ୍ପୁ ଅମ୍ବୁଜ ଅମ୍ବର ସମଭାଗେ ଶୋଭେ ଦିଶେ । ମୋଦ ଆମୋଦ ଦେନିଣ ଋତୁବର ଯେଉଁ ସ୍ଥାନରୁ ପ୍ରକାଶେ । ସେ ସୁଭଦ୍ରାର । ଧନ୍ୟ ଏ ତିଳକବିନ୍ଦୁ । କି ଏ ପ୍ରେମରସାମୃତ ସିନ୍ଧୁ । ତଥିପରେ କି ଅସିତ ଇନ୍ଦୁ । ଚେତନା ବଳେ ଦେନିଣ ଲମ୍ଫ କରି ତରିବ ସଂସାର ସିନ୍ଧୁ । ୪ ।

ଲୋକାଲୋକ ବେନିଭାଗ କରି ତହିଁ ଦେଇଛି ଅନ୍ତର ବାଡ । ନୀଳାରଙ୍ଗ ଖେଳ ନିର୍ମାଣ ନିମନ୍ତେ ପରମବ୍ରହ୍ମେ ନିବଡ଼ । ସେ ସୁଭଦ୍ରାର । ଭ୍ରୂ ଲତା ଲେଖର ଧନ୍ୟ । ଯହିଁ ପ୍ରକାଶଇ ପ୍ରୀତିଘନ । ମୁକ୍ତି ପୀୟୂଷ ହୋଏ ତପନ । କୋଟି ପୁରନ୍ଦର ସମ୍ପତ୍ତି ବିସୋରି ଦର୍ଶନେ ରସଇ ମନ । ୫ ।

ପରମାମୃତ ସାଗର ତଟ କି ଏ ନୀଳ ତରଙ୍ଗ ଉଲ୍ଲୋଳ । ନିଶାନାଥ ପାଶେ ଆଭରଣ ଆଶେ କାଦମ୍ବିନୀ ମାଳ ମାଳ । ସେ ସୁଭଦ୍ରାର । ଧନ୍ୟ ଦୃଗାଞ୍ଚଳ ରୁଚି । ମନ ବଚନେ ନୁହଇ ଆଞ୍ଚି । ଦରଶନେ ଭବଭୟ ଘୁଞ୍ଚି । କରୁଣା କଟାକ୍ଷ ବାନା ଫେରି ହରି ଚଉବର୍ଗ ଦିଏ ଯାଚି । ୬ ।

ଶୁଚି ନବ କଞ୍ଜ ସ୍ତବକ ବିକାଶ ଜଗଜ୍ଜନ ମନ ରଞ୍ଜେ ! କୋଟି ସୁଧାଂଶୁ ପଙ୍କଜପ୍ରିୟ ପ୍ରଭା ଈଷତ ଭାବରେ ଗଞ୍ଜେ । ସେ ସୁଭଦ୍ରାର ।

Digitized by PPRACHIN, SOA

ଧନ୍ୟ ବିଷଦ ନୟନ । ସ୍ୱପ୍ନ ସୁଷୁପ୍ତି ଜାଗ୍ରତ ସ୍ଥାନ । ଅହର୍ନିଶି ଯହିଁ ଭିନ୍ନାଭିନ୍ନ । ଇହ ପର ଜନ୍ମ ମୃତ୍ୟୁ ଭୟ ଶୋକ ଯିବ ଦର୍ଶନେ ମୋଚନ । ୭ ।

ଉନ୍ନୀଦ୍ର ନୀଳୋତ୍ପଳ ବେନି କି ଏ କ୍ଷୀର ସାଗରୁ ଉଦିତ । ତତ୍ତ୍ୱ-ଜ୍ଞାନ ବେନି ଚକ୍ଷୁରେ ଦର୍ଶିଲେ ପରମ କଳା ବିଦିତ । ସେ ସୁଭଦ୍ରାର । ଧନ୍ୟ କୃଷ୍ଣ ତୋଳା ଶୋଭା । ଭକ୍ତ ମନ ମଧୁକର ଲୋଭା । କି ଏ ସହଜ ଆକାଶ ପ୍ରଭା । ଅବ୍ୟୟ ଅବିନାଶି ମୁକ୍ତି ମନ୍ଦିର ପ୍ରାପ୍ତେକ ଦିଶଇ ଶୋଭା । ୮ ।

ହେମ ନଖଇନ୍ଦୁ ବେନି ପାଶେ କି ଏ ବ୍ରହ୍ମରନ୍ଧ୍ର ବେନି ଖାତ । ନାନା ଶବଦ ଭେଦାଭେଦ ନିମନ୍ତେ ପରମ ଶୂନ୍ୟ ଯନ୍ତ୍ରିତ । ସେ ସୁଭଦ୍ରାର । ଧନ୍ୟ ଶୋଭେ କର୍ଣ୍ଣଯୁଗ । ଅନାହତ ଧ୍ୱନି ଯହିଁ ସଙ୍ଗ । ଜ୍ଞାନ ସାଗର ସୁଧା ତରଙ୍ଗ । ସହସ୍ର ଯୋଜନ ଅନ୍ତରେ ଡାକିଲେ ବେଗେ ଯେନଇ ଆତଙ୍କ । ୯ ।

ଲସିତ କୁଣ୍ଡଳ ଗଣ୍ଡସ୍ଥଳ ଦେଶେ ପ୍ରଳୟ ତପନ ତେଜ । ପ୍ରଚଣ୍ଡ ଅନଳ ଯେନ ତେଜପୁଞ୍ଜ ଯହିଁରେ ହୋଇଛି ଗୁହ୍ୟ । ସେ ସୁଭଦ୍ରାର । ଧନ୍ୟ କର୍ଣ୍ଣ ବିଭୂଷଣ । ସୁଧାଧାର ଯହିଁ ବରଷଣ । ସୃଷ୍ଟି ଜନଙ୍କ ଚିତ୍ତହାରଣ । ତାପତ୍ରୟ ଦୂର ହୋଇ ପଳାଇବ ମନବଚନେ ପ୍ରମାଣ । ୧୦ ।

ସୁସଞ୍ଚ ମନୋହର ନାସା ପୁଟରେ ଲୀଳା କରେ ଅଣଆଶି । ପ୍ରାଣାପାନ ପବନ ସୂକ୍ଷ୍ମେ ଧରି ଉଜନେ ବହୁଛି ହଂସ । ସେ ସୁଭଦ୍ରାର । ଧନ୍ୟ ନାସା ଶୋଭିବନ । ଯେଉଁଠାରେ ଗନ୍ଧ ଆମୋଦନ । ଯହିଁ ପଶିଲେ ହଜଇ ମନ । ଶୁଭ ଅନୁକୂଳ ବାରଣ ନିମନ୍ତେ ହିରଣ୍ୟ ଘଟ ଉତ୍ପନ୍ନ । ୧୧ ।

ଲଳିତ ନିର୍ମଳ ବାସ ପରିମଳ ଧୀର ଧୀର ହୋଇ ବହେ । ଅଷ୍ଟାଙ୍ଗ ଯୋଗରେ ଯୁକ୍ତ ଯୋଗିଜନ ଚିତ୍ତ ଯେଉଁଠାରେ ରହେ । ସେ ସୁଭଦ୍ରାର । ଧନ୍ୟ ସେ ପବନ ଗତ । ଯହିଁ ରେଚକ ପୂରକ ସ୍ଥିତ । ଉଦେ ହୋଇଛି କୁମ୍ଭକ ଯେତ । ଯେବଣ ରସେ ରସିଲେ ତତ୍ତ୍ୱବେତ୍ତା ନ ଜାଣନ୍ତି ଦିବାରାତ୍ର । ୧୨ ।

Digitized by PPRACHIN, SOA

ନବ ଅରୁଣ ଅନ୍ଧାରେ ଶୋଭିବନ ନବ ...ଶା ଯଉରେଖ । ନବଦଳ କଞ୍ଜ ପତ୍ରେ ପାରିଜାତ ରଙ୍ଗେ ରଙ୍ଗ ଶୋଭା ଦେଖ । ସେ ସୁଭଦ୍ରାର । ଧନ୍ୟ ହ୍ରାସ ବଦନ । ହାସ୍ୟ ଉଲ୍ଲାସ ଭବ ଭୁବନ । ତ୍ରିଭୁବନ ଶ୍ରେଷ୍ଠ ସୁବଧାନ । ପ୍ରେମାନୁବନ୍ଧ ଅନୁଗ୍ରହେ ଦାତବ୍ୟ ନ ଜାଣେ ଧନ ଅଧନ । ୧୩ ।

ଶ୍ରୋଣି ଜାମୃତ ମଧ୍ୟରେ ନିରନ୍ତରେ ଉଦେ ବେନି ତାରାପନ୍ତି । ମନ୍ଦ-ମନ୍ଦହାସେ ଝଟକ ବିକାଶେ ପରମ ଜ୍ୟୋତିର ଭ୍ରାନ୍ତି । ସେ ସୁଭ-ଦ୍ରାର । ଧନ୍ୟ ଦଶନସମୂହ । ଗୁହ୍ୟ ସ୍ମରନର ମୂଳ ମୋହ । ଲୀଳା ହାସ୍ୟଭବେ ଛେହ ଛେହ । ଜନ୍ମାଦି କୋଟି ଦୁଷ୍କୃତ ବୃକ୍ଷ ଯେତେ ଦର୍ଶନ ଅନଳେ ଦହ । ୧୪ ।

କିବା ପଞ୍ଚଘୋଷ ଲାବଣ୍ୟ ପୀୟୂଷ ମତ୍ତ ଭ୍ରମର ଗର୍ଜନ । ସ୍ୱସ୍ୱର ସ୍ୱର ଉଚ୍ଚସ୍ୱର ମଧୁର ଭାବେ ପ୍ରକାଶେ ବଚନ । ସେ ସୁଭଦ୍ରାର । ଧନ୍ୟ ସୁଧାରସଧ୍ୱନି । ଯାହା ଯୋଗୀ ଜାଗେ ଯୋଗ ଦେନି । ଭାବେ ଭବ ଭବ ବ୍ରହ୍ମଜ୍ଞାନି । ଯା ବାକ୍ୟେ ରହିଛି ମହାମାୟା ଦେନି ଚରାଚର ଗୁରଖାନି । ୧୫ ।

ଫୁଲ୍ଲାରବିନ୍ଦ ଶ୍ରୀମୁଖ ଶୋଭିବନ ନୋହେ ଅନ୍ୟପ୍ରାନ୍ତ କର । ଚ୍ଛେଦନ ମନ ପ୍ରମାଣ କେ କରିବ ମନ ବଚନରେ ଧର । ସେ ସୁଭଦ୍ରାର । ଧନ୍ୟ ଏ ପଙ୍କଜ ମୁଖ । କି ଏ ସୁଧାସିନ୍ଧୁ ଧାର ଶିଖ । ଭକ୍ତ ଜାଣଇ ସେ ରସସୁଖ । ଦିବାନିଶି ଧ୍ୟାନ ଦୃଷ୍ଟିଗତେ ଧର ତରଲେ ସଂସାର ଦୁଃଖ । ୧୬ ।

ସୁରଳାଙ୍ଗ ଦେଶ ଶିର ପରେ ଧର ରହିଛି କିବା ସୁମେରୁ । ବେନିଶାଖା ନବ ପଲ୍ଲବ ବିସ୍ତାର ସ୍ୱଭାବେ କି କଳ୍ପତରୁ । ସେ ସୁଭଦ୍ରାର । ଧନ୍ୟ କମ୍ବୁକଣ୍ଠ ଦେଶ । ଶିବା ଶିବ ଯହିଁ ଲୀଳା ବେଷ । ନାଦ-ସୁନାଦ ଯହିଁ ପ୍ରକାଶ । ଅଥ ଉର୍ଦ୍ଧ୍ୱ ବେନି ଧାରା ବହିବାକୁ ଉଦ୍ୟମେ କରିଛି ବାସ । ୧୭ ।

ସିଦ୍ଧପୁର ଭବଭର ବହିବାକୁ ନିର୍ମାଣିଛି ସ୍ତମ୍ଭ ବେନି । ଦୁର୍ଜୟ ଦୁରପଦ ଖଳ ନାଶନ ଦିବ୍ୟ ଶସ୍ତ୍ରମାନ ଦେନି । ସେ ସୁଭଦ୍ରାର । ଧନ୍ୟ

Digitized by PPRACHIN, SOA

ମହିମା ଏ ଭୁଜ । ଆଦ୍ୟ ଅନ୍ତ ଯହିଁ ନାହିଁ ବୁଝି । କାଳ ପ୍ରବଳ ଯହିଁ ସହଜ । ପ୍ରଳୟ ତପନ ତେଜ ପରଖର ଦୁରିତ ହୋଏ ଦହନ । ୧୮ ।

ଦିବ୍ୟ ସୁରତ୍ନ ସମୂହ ମାଳେ କି ଏ ହେମ କନ୍ଦରେ ଲସିତ । କମ ଭିନ୍ନ ଭିନ୍ନ ଜ୍ୟୋତି ଛନ ଛନ ଦିଶେ ଝଟି ଝଟିକିତ । ସେ ସୁଭଦ୍ରାର । ଧନ୍ୟ ଏ ବାହୁଟି ବନ୍ଧ । ମୂଢ଼ ମନ ବନ୍ଧନକୁ ଫାନ୍ଦ । କିବା ପାତିଛି ନିଗୁଣ ଛନ୍ଦ । ସ୍ୱଭକ୍ତି ଭାବେ ଅନୁମାନେ ଗୁହିଁଲେ ଫିଟଇ ଅଜ୍ଞାନ ଅନ୍ଧ । ୧୯ ।

ଦିନକର ନାଥ ମଣ୍ଡଳେ ବେଢ଼ିଣ ଯେସନେ ଉପମଣ୍ଡଳ । ଚନ୍ଦ୍ରକାନ୍ତ ଗିରି ଚଉପାଶେ ବେଢ଼ି କି ଅବା କାଳିନ୍ଦୀଜଳ । ସେ ସୁଭଦ୍ରାର । ଧନ୍ୟ ଏ ନୀଳକଙ୍କଣ । ପଡ଼ି ହିଜଲେ ଜୀମୂତଗଣ । ଦୀନ ଅଧମଜନ ତାରଣ । ଚତୁର୍ବର୍ଗ ଦାତା ଚରାଚର କର୍ତ୍ତା ଅଶେଷ ଜୀବ ଧାରଣ । ୨୦ ।

ନଳୀନ ତରୁଣ ଅରୁଣ ଦଳ କି ଶୁଭଦ୍ର ସଲ୍ଲ ଦେଶ । ପରିମଳ ଗୁହିଁ ସୁଧାରସ ପାଇଁ ସେଠାରେ କରିଛି ବାସ । ସେ ସୁଭଦ୍ରାର । ଧନ୍ୟ ଏ କର ପଲ୍ଲବ । ରୁଦ୍ର ଇନ୍ଦ୍ରାଦି ଦେବେ ଦୁର୍ଲ୍ଲଭ । ମନ ବଚନେ ଏକତ୍ୱ-ଭାବ । ଭବ ସଙ୍କଟ କି କାଟି ପଳାଇବ ଯେବେ ଦର୍ଶନ କରିବ । ୨୧ ।

ପୁଣ୍ୟ ଗିରିଭେଦି ପ୍ରକାଶ ହୋଇଛି ପଞ୍ଚଶିରାଶିଭୁଜଙ୍ଗ । ଉଚ୍ଚ ନୀଚ ଦିଶ ସୁସଞ୍ଚରେ ପଞ୍ଚ ଚଞ୍ଚଳା ଚପଳା ସଙ୍ଗ । ସେ ସୁଭଦ୍ରାର । ଧନ୍ୟ ଏ ଅମୂଲ୍ୟ ପନ୍ତ । ପଞ୍ଚ ମହାଭୂତ କଳା ହେତ । ପଞ୍ଚପ୍ରାଣ ଯହିଁ ସଞ୍ଚରନ୍ତ । ଦୀନ ପତିତ ଅଧମ ଜନ ଗୁହିଁ ଛେଦଇ ନିଗୁଣ ଗ୍ରନ୍ଥି । ୨୨ ।

ମୁଦ୍ରିକା ଭୂଷଣ ଲଗି ନବରତ୍ନ ନବଗ୍ରହଙ୍କର ତେଜ । ଅଖଣ୍ଡ ଆନନ୍ଦ ଚଦାନନ୍ଦ ସୁଖେ ପରମ ଆକାଶ ଶୂନ୍ୟ । ସେସୁଭଦ୍ରାର । ଧନ୍ୟ ମରକତ ମୁଦ୍ର । ଆବର୍ତ୍ତିହିଁ ଚରାଚର ଭେଦ । ଗୁରୁପୂର୍ଣ୍ଣ କି ଏ ବୁଦ୍ଧି ସୁଧ । ଶିଶୁମାର ଚକ୍ରେ ଆତଯାତ କରେ ନିଗୁଣ ରଜ୍ଜୁରେ ଛନ୍ଦ । ୨୩ ।

ସୁଚାରୁ ଉଜ୍ଜ୍ୱଳ ଦିବ୍ୟ ରତ୍ନମାଳ ନବ ନିଶା ଶଶୀଚନ୍ଦ୍ର । ଅମର-ଗଣ ଆରତ ନିବାରଣ ବିଦାରିଲେ ଦୈତ୍ୟଇନ୍ଦ୍ର । ସେ ସୁଭଦ୍ରାର ।

Digitized by PPRACHIN, SOA

ଧନ୍ୟ କରରୁଦ୍ରମାଳା । ଲଗି ନସ୍ତାର କଶିପୂବଳା । ଯୋଗି ନେଙ୍କ ଜ୍ଞାନ ଜ୍ୟୋତ କଳା । ଶୋକାର୍ଣ୍ଣବ ପାର ହୋଇବା ନମିତ୍ତେ ନର୍ମାଣ ପୀୟୂଷ ଭେଳା । ୨୪ ।

ବିଷଦ ଶ୍ୟାମଳ ହରିତ ଲୋହିତ ଧୂମ୍ରବର୍ଣ୍ଣ ସଙ୍ଗେ ଯେନ । ପରସ୍ପର ଭାବେ ଅନୁମାନ ଶୋଭା ଗଚ୍ଛିତ ହବା ରଜନୀ । ସେ ସୁଭଦ୍ରାର । ଧନ୍ୟ କରଡ଼ିଆ ମାଳ । ଗନ୍ଧ ସୁଶୀତଳ ପରିମଳ । ଲୋଭେ ବ୍ୟାକୁଳିତ ଅଳିକୁଳ । ପ୍ରେମ ରସେ ରଖି କି ଏ ଅର୍ଦ୍ଧମାଏ ବ୍ରହ୍ମକୁ କରଛି କୋଳ । ୨୫ ।

ପଞ୍ଚ ମହାଚଳ ଭେଦ ହେମ ଷିତ ପରେ ଗଙ୍ଗା ବେନ ଧାର । କାରୁଣ୍ୟ ଅର୍ଣ୍ଣବ ଯାଏ ବହି ଯାଇ ବର୍ଣ୍ଣି ହଜିଲା ସେଠାର । ସେ ସୁଭ-ଦ୍ରାର । ଧନ୍ୟ ଏ ନକ୍ଷତ୍ରମାଳ । ଶୂନ୍ୟ ଭେଦ ପ୍ରକାଶିଛି ଠୂଳ । ପ୍ରେମ ଭକ୍ତି ଭାବନାର ମୂଳ । ଅଖଣ୍ଡିତ ସୁଖ ପାଇ ନମଜ୍ଜିଲା ନୋହଇ ଚଳ ପ୍ରଚଳ । ୨୬ ।

ସପ୍ତଦଳ ସ୍ଥୂଳ ଉତ୍ପଳ ମାଳକୁ ବ୍ରହ୍ମାଣ୍ଡେ ଉପମା ନାହିଁ । ପାରିଜାତ ପୁଷ୍ପ ହାର ଯେନ୍ନ ଇନ୍ଦ୍ର ପରମ କାମ ଖଞ୍ଜଇ । ସେ ସୁଭଦ୍ରାର । ଧନ୍ୟ ପଦ୍ମ ରଙ୍ଗହାର । ଗମ୍ୟ କରି ନୋହେ ଅନ୍ତ ପାର । ଭାବେ ଭଜିଲେ ଦୃଷ୍ଟି ଗୋଚର । ହାବଳୀ ପରମାଣ କରିବାକୁ ନ ପାରନ୍ତି ବ୍ରହ୍ମାସୁର । ୨୭ ।

ପରିମଳ ସ୍ଥାନ ପରମ ଗଗନ ପରାପର ଭେଦ ନାହିଁ । ଯନ୍ତ୍ର ନର୍ମାଣ କରଣ ଯନ୍ତ୍ରକାର ନବାସ କରଛି ତହିଁ । ସେ ସୁଭଦ୍ରାର । ଧନ୍ୟ ଏ ହୃଦ କମଳ । ବୁଦ୍ଧି ବିଗ୍ରହବିବେକ କୁଳ । ଯେଉଁଠାରେ ଆଶ୍ରେ କରି ଠୂଳ । ବପୁଦେଶ ବେଢି ହାର ଶୋଭିବନ ସହିତ ଉତ୍ପଳ ମାଳ । ୨୮ ।

ତେଜ ଶାନ୍ତ ପରିମଳ ଶୁଚି ରୁଚି ଲାବଣ୍ୟ ରହସ୍ୟ ଭାବ । ଅଖଣ୍ଡ ଆନନ୍ଦ ବ୍ରହ୍ମ ରସ ମିଶି ନଧି ନାୟକ ଉଭବ । ସେ ସୁଭଦ୍ରାର । ଧନ୍ୟ ଏ ମକର ମଣି । ତେଜ ପୁଞ୍ଜ ପୂରିତ ମେଦିନୀ । କି ଏ ଭବସାଗର ତରଣୀ । କରୁଣା ଅଞ୍ଜନ ନର୍ମଳେ ଗୃହିଁଲେ ଘଟିତ ହବାରସ୍ତୁଣୀ । ୨୯

Digitized by PPRACHIN, SOA

ଅତହିଁ ଦୁର୍ଲଭ ଦୃଷ୍ଟିକି ସୁଲଭ ଆଲୋକ ପରମ ଶୂନ୍ୟ । ମନ ବଚନ ଚେତନା ବଳେ ଯୋଗୀ ଯେଉଁଠାକୁ କରେ ଧ୍ୟାନ । ସେ ସୁଭଦ୍ରାର । ଧନ୍ୟ ପୃଷ୍ଠ ଶୋଭବନ । ସୃଷ୍ଟି ଉତ୍ପତ୍ତି କ୍ରିୟା ନିଧାନ । ପଶି ନିମଜ୍ଜିଲେ ସାଧୁଜନ । ଭକ୍ତିରସ ପାନେ କୋଟି ଯୁଗ ଗଲେ ନ ମଣନ୍ତି ଏକଦିନ ॥

ବ୍ରହ୍ମାଣ୍ଡ ଭାଣ୍ଡରେ ପ୍ରଦୀପ ଅନଳେ ସଂହରିଲି ତହିଁ ନେଇ । ପ୍ରାଣବଳ ଦେଇ ଚତୁର୍ବିଧ ଶସ୍ୟ ପକ୍ୱ ନ କରିଛି ଯହିଁ । ସେ ସୁଭ-ଦ୍ରାର । ଧନ୍ୟ ସୁପଷ୍ଟ ଉଦର । ଚାରିବେଦ ବଶ୍ରାମକୁ ଘର । ବ୍ରହ୍ମରସ ଯହିଁ ଅବତାର । ପଞ୍ଚ ପ୍ରକୃତି ଏକାଦଶ ଇନ୍ଦ୍ରିୟ ସ୍କନ୍ଧେ ଭେଦ ବଗୃର । ୩୧ ।

ଦଶାଦି ପାଖୁଡ଼ା ହୋଇଛି ନିର୍ମାଣ ମଧ୍ୟରେ ସମାନ କୋଷ । ଚତୁରବଦନ ଜଗତ ସୃଜନ କଲା ଯହିଁରେ ନିବାସ । ସେ ସୁଭଦ୍ରାର । ଧନ୍ୟ ଏ ନାଭି ପଙ୍କଜ । ସେହି ସାଧି ଯହିଁ ଯୋଗ ହେଜ । ଅଘ ଅଜ୍ଞାନ ଯହିଁ ଦହିଯ । ଯେଉଁ କାଳ ସୃଷ୍ଟି ପ୍ରଳୟ କାଳରେ ଯତନେ କରିଛି ଗୁହ୍ୟ । ୩୨ ।

ମହାମେରୁ ଚତୁର୍ଦ୍ଦଶ ଭାଗ କରି ଚଉଦ ଭୁବନ ରଚି । ଅଧ ଊର୍ଦ୍ଧ୍ୱ ସାତ ନିର୍ମାଣ ନିମନ୍ତେ ସଙ୍କେତ କରିଣ ପାଞ୍ଚି । ସେ ସୁଭଦ୍ରାର । ଧନ୍ୟ କଟିଭାଗ ଶୋହେ । ବ୍ରହ୍ମ ସହଜ ସମାଧି ଲହେ । କୋଟି ବ୍ରହ୍ମାଣ୍ଡ ସ୍ଥିତି ଉଦୟେ । ଲୋଚନ ପଥେ ଦର୍ଶନ କଲେ ବାରେ ନ ଲାଗଇ ଭବଭୟେ । ୩୩ ।

ଗୁରୁ ନୀଳପଟ୍ଟ କଟିରେ ଘଟିତ ଉଦ୍ଘଟିତ ରୁଚିଶୁଚି । ମହାପୁରୁଷ ମଧ୍ୟଭାଗେ କି ଅବା ମହାର୍ଣ୍ଣବ ଜଳରୁଚି । ସେ ସୁଭଦ୍ରାର । ଧନ୍ୟ ଶୋହେ ପରିଧାନ । ଲାଗି ନ ଦିଶଇ ଭିନ୍ନାଭିନ୍ନ । ମହା ଅନ୍ଧକାର ଯହିଁ ଛିନ୍ନ । ଫଁରହର କେଶ ସୁକୁଞ୍ଚିତ ଶୋଭି ମହା କରେ ଆକର୍ଷଣ । ୩୪ ।

ଚଞ୍ଚଳ ଛବି ନିଶ୍ଚଳ କରିବାକୁ ନିବଡ଼ ବନ୍ଧନ ଦେଶ । ସୌଦାମିନୀ ମାଳ ଝଲକତେ ଅଛି କି ନୀଳ ନବଘନ ଶିଖ । ସେ ସୁଭଦ୍ରାର । ଧନ୍ୟ ଏ ମେଖଳା ଭ୍ରାନ୍ତି । ଉଦେ ଚନ୍ଦ୍ରାଦିତ୍ୟ ତେଜ କାନ୍ତି । ପଶି ମିଶିଲେ

Digitized by PPRACHIN, SOA

ଅନଳ ଜ୍ୟୋତି । ବାୟୁଦ୍‌ଭଙ୍ଗୀ କ ମହାମେରୁ ପ୍ରୋକ୍ଷଣେ କ୍ଷଣେ କ୍ଷଣେ ବେଢ଼ିଛନ୍ତି । ୩୫ ।

ପୀୟୂଷ ଉଦଧି ଭେଦାଭେଦ ଭେଦ ବ୍ରହ୍ମରସ ବେନ ଧାର । ହେମ ସଜୀବ କ ଜ୍ୱଳକାନ୍ତି ବେଢ଼ି ଶକ୍ତି ପ୍ରକାଶେ ରୁଚିର । ସେ ସୁଭଦ୍ରାର । ଧନ୍ୟ ଶୋଭେ ଉରଦେଶ । ଶୁଭେ ଶୀର କଣ୍ଠନାଦ ଘୋଷ । ଭାବେ ଛେଦେ ଭବବନ୍ଧ ପାଶ । ଭକ୍ତିରସେ ଜ୍ଞାନଦୃଷ୍ଟିରେ ଗୃହିଁଲେ ଅଦୃଶ୍ୟ ହୁଅଇ ଦୃଶ୍ୟ । ୩୬ ।

ସ୍ୱବକ୍ଷ ଠାଣି ହରିକକ୍ଷା ଜଣି ଧୃସର୍ଯ୍ୟ ପଦ୍ମଆସନ । ଲମ୍ବୁନେବାଦ୍ଧ ଅଷ୍ଟାଙ୍ଗ ଯୋଗ ମିଶି ପରମହଂସ ଭଜନ । ସେ ସୁଭଦ୍ରାର । ଧନ୍ୟ ଏ ଆସନରୂପ । ତୁଳଶୂନ୍ୟକୁ କରଛି ଧାପ । ଘୋଟି ରହଛି ପ୍ରଳମ୍ବ ଆପ । ଚେତନା ବଳେ ଚଟୋଇପାରୁ ଯେବେ ତୁଟିବ ତ୍ରିବିଧ ତାପ । ୩୭ ।

ନିର୍ମଳ ଗଗନେ ଉଦିତ ଯେସନେ ତରୁଣାରୁଣତରୁଣୀ । ନୀଳାଚଳ ଭେଦ ପଦ୍ମପାଦ ଶୋଭା ତତୋଧିକ ରୁଚି ଜଣି । ସେ ସୁଭଦ୍ରାର । ଧନ୍ୟ ସୁରଙ୍ଗ ପୟୁର । ରୁଣୁଝୁଣୁ ଧ୍ୱନିତ ମନ୍ଦିର । ସୁରନର ସେବା ନିରନ୍ତର । ମରଣ ଜନ ନିସ୍ତାରଣ ଧାରଣ ଅବ୍ୟୟ ଭକ୍ତି ଭଣ୍ଡାର । ୩୮ ।

ଶଉଚ ସତ୍ୟ ଦୟା ଶୁଚି ମଉନ ତେଜ ଧୃତି କ୍ଷମାଶୀଳ । ଶାନ୍ତି ଶ୍ରେୟ ଯଶ ସୁଖ ପ୍ରେମରସ ଅଇଶ୍ୱର୍ଯ୍ୟ ଆୟୁର୍ବଳ । ସେ ସୁଭଦ୍ରାର । ଧନ୍ୟ ଏ ପାଦ ଲାଞ୍ଛନ । ଶୁଭ କୁଶଳ ଜ୍ଞାନ ବିଜ୍ଞାନ । ଦୟା ଆରମ୍ଭ ହିଂସା ବର୍ଜନ । ପଦ୍ମପାଦାଙ୍କୁଶ ପାଦ ରସିକର ନିସ୍ତରିଲେ ସାଧୁଜନ । ୩୯ ।

ଭକତ ମୁକତ ଗତ ପ୍ରତକାର ନାହିଁ ମିଳ ଅର ଯାର । ବ୍ରହ୍ମାଦିରୁ କୀଟ ପତଙ୍ଗାଦି ଯାଏ ସର୍ବସ ସମବସ୍ତୁର । ସେ ସୁଭଦ୍ରାର । ଧନ୍ୟ ଶୋଭେ କଳେବର । ନିଷ୍ଟେ ପରମବ୍ରହ୍ମର ସାର । ଗମ୍ୟ କରିବ କେ ଅନ୍ତ ପାର । ଯାହାର ଯେମନ୍ତ ବିଶ୍ୱାସ ସମ୍ଭବ ସାଦୃଶ୍ୟ ସେହି ପ୍ରକାର । ୪୦ ।

Digitized by PPRACHIN, SOA

ନୀଳାଚଳ ଶୃଙ୍ଗ ଯୋଗ ପୀଠାସନେ ବନ୍ଦେ ନୃସିଂହ ମୂରତ । ଅବତାର ଭେଦ ବସ୍ତୁରେ ଗୃହିଁଲେ ପ୍ରକାଶ ଚତୁର୍ଦ୍ଧାମୂର୍ତ୍ତି । ସେ ସୁଭଦ୍ରାର । ଧନ୍ୟ ଏ ସ୍ୱରୂପ କାନ୍ତ । ଜ୍ୟୋତି ଉପରେ ପରମ ଜ୍ୟୋତି । ପରପୂର୍ଣ୍ଣମୟ ଦ୍ରବ୍ୟ ଶକ୍ତି । କୋଟି ବ୍ରହ୍ମାଣ୍ଡ କ୍ଷଣକେ ଭେଦ କରେ ସ୍ୱମାୟା ସଙ୍ଗତେ ଘେନ । ୪୧ ।

ପଙ୍କଜ ପଯ୍ୟରୁ କରୁଣା ମଧୁର ଅଙ୍କୁରଇ ଘନ ଘନ । ସୁଦୟା ଅଞ୍ଜନ ଦ୍ରବ୍ୟ ଦୃଷ୍ଟି ଘେନ ପାନ କର ସୁଜ୍ଞଜନ । ସେ ସୁଭଦ୍ରାର । ଧନ୍ୟ ପାଦପଦ୍ମ ରସ । ଯାହା ପାଇ ନ ଛାଡ଼ିଲ ଈଶ । ସିଦ୍ଧ ସନକାଦ୍ଧ ଯହିଁ ବଶ । ସେ ପଦ୍ମ ଚରଣେ ଶରଣ ପଶିଲ୍ଲ କୃପାସମୁଦ୍ର ଯେ ଦାସ । ୪୨ ।

ସୁଜନ ସୁଜ୍ଞ ସୁବିବେକ ଚୈତନ୍ୟ ସୁଘୋଷାନ୍ତରେ ଯା ମନ । ସିଦ୍ଧାନ୍ତ କରଣ ଜନେ ସୁପ୍ରକାଶ ତେଣୁ ନାମ ସୁଦର୍ଶନ । ସୁଦର୍ଶନର । ମହିମା କେ ପାରୁ କହି । ଆଦ୍ୟ ଅନ୍ତ ମଧ୍ୟ ଯାର ନାହିଁ । ସଚ୍ଚିଦାନନ୍ଦ ସ୍ୱରୂପ ସେହି । ସପତାବରଣ ପ୍ରକୃତ ପୁରୁଷ ଗର୍ଭେ ସଂହରିଛି ନେଇ । ୧ ।

ଯଥା ଊର୍ଣ୍ଣନାଭି ସ୍ୱତନ୍ତ୍ରେ ଯନ୍ତ୍ରିତ କ୍ରୀଡ଼ା କରେ ତନ୍ତୁମଧ୍ୟେ । ତଦ୍ୱତ ସ୍ୱମାୟା ତନ୍ତ୍ରେ ବିଶ୍ୱ ସର୍ଜି ବିହରଇ ଆତ୍ମପଦେ । ସୁଦର୍ଶନର । ସବେଁ ପାଦ ବେନି ମୁକ୍ତି । ନିରନ୍ତରେ ଚଇତନ୍ୟ ଯୁକ୍ତି । ଭାବବଳେ ବଶ କରେ ଭକ୍ତି । ଆସକ୍ତ ଶୂନ୍ୟ ନିର୍ଗୁଣ ନିରଞ୍ଜନ ନିରାକାର ସଦାସକ୍ତି । ୨ ।

ବିନାଭି ଅଷ୍ଟ ନିମିଷ ପଞ୍ଚଦଶ ରବି ବଦ୍ଧାଞ୍ଚଳ ମାୟା । ଭ୍ରମାଉଛି ବ୍ରହ୍ମା ଶିବ ସୁର ସିଦ୍ଧ ଯୋଗୀନ୍ଦ୍ରଙ୍କୁ ଯାର ଛାୟା । ସୁଦର୍ଶନର । କାହାରିହିଁ ନୋହେ ବଶ । ମୋଦ ସଦନ ନିତ୍ୟ ଉଦାସ । ଷଡ଼ଚକ୍ର ବିଧି ଅଣ ଅଂଶ । ମାୟା ସୁମୃତ ଶିଶୁମାର ସୁଜ୍ୟୋତି ଭୂଗୋଳ ଯହିଁ ପ୍ରକାଶ । ୩ ।

Digitized by PPRACHIN, SOA

ସଂଶୟ ଭସ୍ମ ସଂସାର ବନ୍ଧ ଜନ୍ମ ମରଣ ସ୍ୱପ୍ନର ଭେଦ । ତ୍ରିଗୁଣ ଫାଶି ହୃଦସ୍ଥ ଗ୍ରନ୍ଥି ଯାର ସ୍ମରଣ ମାତ୍ରକେ ଛେଦ । ସୁଦର୍ଶନର । ଅତି ସୁତୀକ୍ଷଣ ଧାର । ତହିଁ ମନ ବିଶ୍ରାମିଲ ଯାର । ସିନ୍ଧୁ ସମ୍ବନ୍ଧେ ସେ ସୁଧାଧାର । ଶରଣ ରକ୍ଷଣ ଗାରଧୂ ଯା ବାନା ସଂସାର ତା ଖେଳ ଘର । ୪ ।

ଅପରମାଣ ଅମାପ ଅପ୍ରମେୟ ବସ୍ତୁ ତତ୍ତ୍ୱ ତଥା ନୋହେ । କାହୁଁ କେତେଦୂର କରୁପେ ବ୍ୟାପିଛି ବେଦ ବେଦାନ୍ତରେ କହେ । ସୁଦର୍ଶନର । ଅତ୍ୟନ୍ତ ଦୁର୍ଲଭ ଗତି । ଶୂନ୍ୟେ ଘନ ଯେହ୍ନେ ଉତପତ୍ତି । ଲୀନ ହୋଇ ସୃଷ୍ଟି କରୁଛନ୍ତି । ଯଥୋଚିତେ ସର୍ବଜନ ପରିହାଣେ କାହୁଁ ପ୍ରକାଶଇ ଶ୍ରୁତି । ୫ ।

ଚଣ୍ଡାଗ୍ନି କୋଟି ଜିଣି ତେଜ ପ୍ରଚଣ୍ଡ ଚନ୍ଦ୍ରକୋଟି ଶାନ୍ତକର । କୋଟିଏ କୋଟିମାନସୁଁ ଅତି ବ୍ୟଗ୍ର ଊନକୋଟି ମେରୁ ସ୍ଥିର । ସୁଦର୍ଶନର । ଅନ୍ଧକାର କୋଟି ନାଶେ । ତମ ପରେ ଉତ୍ତମ ପ୍ରକାଶେ । ଗୋପନୀୟ ନିରୁଦ୍ୟମ ପାଶେ । ମହା ପୁରୁଷ ଯେବଣ ଯାହା ଘେନ ବ୍ରହ୍ମାଣ୍ଡ ଭିଦ ଉଶ୍ୱାସେ । ୬ ।

ଧ୍ରୁବ ପ୍ରହଲ୍ଲାଦ ଅମ୍ବରୀଷ ଇନ୍ଦ୍ର ଦ୍ରୌପଦୀ ଗଜେନ୍ଦ୍ର ପାଇଁ । ଅବ୍ୟକ୍ତ ବ୍ୟକ୍ତ ଉଦ୍ଧାରଣେ ଜଗତ ସ୍ୱୟଂ ସାକ୍ଷାତ୍କାର ହୋଇ । ସୁଦର୍ଶନର । ଗ୍ରାହ ନିସ୍ତାରିଲ ଜଳେ । ସତୀ ମହା ସ୍ୱୟମ୍ବର କାଳେ । ପୃଥ୍ୱୀ ଉଦ୍ଧରେ ବୃଷମ ବେଳେ । ଦୁର୍ବାସାଙ୍କୁ ମନ୍ତ୍ର ମହିମା ଦେଖାଇ ଧ୍ରୁବ ସଂହରିଛି କୋଳେ । ୭ ।

କାହୁଁ ଚନ୍ଦ୍ର ସୂର୍ଯ୍ୟ କାହୁଁ ଗତାଗତ କାହୁଁ ଜ୍ୱାଳାଗ୍ନି ସମୀର । କାହୁଁ ଭୂବ ପଦ ସ୍ୱରୂପ ଶବଦ ମନ ବୁଦ୍ଧି ଅହଙ୍କାର । ସୁଦର୍ଶନର । ଅଶେଷେ ଥାନ୍ତି ଏମାନେ । କେହି ନ ଜାଣନ୍ତି ବିଦ୍ୟମାନେ । ସ୍ଥିତିଭୂତ ଅବା କେଉଁ ସ୍ଥାନେ । ହେତୁ ବୁଦ୍ଧି ଶୂନ୍ୟେ ସମାଧି ଯଦର୍ଥେ ଅସ୍ମାଗମ ମୁନିଜନେ । ୮ ।

ଆକାରେ ନିରାକାର ପ୍ରାପ୍ତେ ଦିଶନ୍ତି ନିରାକାରଙ୍କୁ ଆକାର । ଯେ ତାଙ୍କୁ ଦୃଢ କରି ଧରିପାରିବ ସେ ଯେ ପରମଈଶ୍ୱର । ସୁଦର୍ଶନର ।

Digitized by PPRACHIN, SOA

ପରମ ଉଦ୍ଧାମମୂର୍ତ୍ତି । ଆଶ୍ରାଜନରେ ଦେଇ ବଭୂତ । କୋଟିବ୍ରହ୍ମାଣ୍ଡେ ବଖ୍ୟାତ କୀର୍ତ୍ତି । ଈଶ୍ୱର ଅଂଶକୁ ଯେବେ ଇଚ୍ଛାଅଛ ସୁଦର୍ଶନେ ଦଅ ମତ । ୯ ।

ସ୍ୱର୍ଣ୍ଣାଦ୍ଧ ଧାତୁ ବର୍ଯ୍ୟାଦ୍ଧ ରତ୍ନକୋଷ ଚନ୍ଦ୍ର ସୂର୍ଯ୍ୟ ଆଦ୍ଧ ଋକ୍ଷ । ବ୍ରହ୍ମାଣ୍ଡ ଭିତରେ ଯହିଁ ଯା ଦେଖିବା କେହି ନୋହେ ଉପଲକ୍ଷ୍ୟ । ସୁଦର୍ଶନର । ଅଚନ୍ଧ ଅବର୍ଣ୍ଣ କାୟ୍ୱ । ଯହିଁ ଦୁରନ୍ତର ଯୋଗମାୟ୍ୱ । ସର୍ବଭୂତରେ ସମ୍ପୂର୍ଣ୍ଣ ଦୟ୍ୱ । ଦୁରନ୍ତର ପାର ଶେଷଶକ୍ତି ନ୍ୟାୟ୍ୱେ ଉପାସ୍ୱଦ୍ୱାରେ ବଜୟ୍ୱ । ୧୦ ।

ପାଦପାଣି ବାୟୁ ପ୍ରଶସ୍ତ ସଙ୍ଗ ସର୍ବ ବର୍ଜିତ ମାଂସମେଦ । ନାସା ଶ୍ରବଣ ନୟ୍ନ ଜହ୍ୱା ଶିରବସ୍ତ୍ର ଲଙ୍ଗନଭେଦ । ସୁଦର୍ଶନର । ସ୍ଥୂଳ ସୂକ୍ଷ୍ମ ବବର୍ଜିତ । ସର୍ବାତୀତ ନିକାଳରହିତ । ଯାର ଶରଣ କୋଟି ଜଗତ । ପରମଧାମ ବଶ୍ରାମକୁ ଭାବନା ଯା ସେବେ ଅଶେଷ ନିତ୍ୟ ।୧୧

ଲୋଚନ ବଚନ ସ୍ମରଣ ଶ୍ରବଣ ଯେ ଚତୁଷ୍ଟୟ୍ୱ ମଧୁର । ଯେ ମଧୁପୁର ଯେ ଈଷିତେ ଧରିଛ ମହିମା କେ ବର୍ଣ୍ଣୁ ତାର । ସୁଦର୍ଶନର । ମଧ୍ୟେ ଶୋଭେ ନଟବର । ଲୀଳା ଲାବଣ୍ୟନିଧି କଶୋର । ବଶ୍ୱ ଚରାଚର ହେତୁ ହର । ନିଷ୍ଟୁପ ବୃହତ ଶ୍ରେଣୀ ତାଣ୍ଡବକୁ ଛନ୍ଦୋମୟ୍ୱ ସୃଜଧାର । ୧୨ ।

ଭୁକ୍ତି ଯା ଭଣ୍ଡାର ମୁକ୍ତି ଯା ଇତର ବୈକୁଣ୍ଠମାନ ଯା ପାଶେ । କେଉଁ ପାଖୁଡ଼ାରେ କେତେ ବଷ୍ଣୁ ରହି ଲୀଳା କରନ୍ତ ହରଷେ । ସୁଦର୍ଶନର । ଅଲେଖ ମଣ୍ଡଳ ସାଜେ । ମଣ୍ଡଳକେ ବ୍ରହ୍ମାଣ୍ଡ ବରାଜେ । ଅଣ୍ଡପୃଷ୍ଠେ ବଇକୁଣ୍ଠ ରାଜେ । ବୈକୁଣ୍ଠାନ୍ତରେ ଶୋଭିତ ମହାନିତ୍ୟ ଶିବଶକ୍ତିଲୋକ ଧ୍ୱଜେ । ୧୩ ।

ଗୁରୁପ୍ରକାରେ ମୁକ୍ତିପ୍ରଦ ପ୍ରେମାଦ୍ଧ ଭକ୍ତିକ ରଖିଛ ମଧ । ଯେ ପଣି ପାରବ ସୁଦର୍ଶନ ଗର୍ଭେ ଭକ୍ତି ତାର ସୁଖସାଧ । ସୁଦର୍ଶନର । କରୁଣା ଯାହାକୁ ନାହିଁ । ଭକ୍ତି ଲେଶ ପାଇବ ସେ କାହିଁ । ନାନାତପସ୍ୟାରେ ମଲେ ଦାହି । ଚଉ ଚଞ୍ଚଳ ନବାରୁ ହେତୁକର ଚକ୍ରବନ୍ନ ଗତ ନାହିଁ । ୧୪ ।

Digitized by PPRACHIN, SOA

ଦେବ ବିଷ୍ଣୁ ନାଥ ବିଶ୍ୱ ତାତ ମାତ ପରମପୁରୁଷ ଯେହୁ । ସୁଦର୍ଶନ ବୋଲି ଯାହାକୁ ବୋଲିବା ସେ ବିଷ୍ଣୁର ଆତ୍ମା ସେହୁ । ସୁଦର୍ଶନର । ନୁହଇ ନା ଉଦେ ଅସ୍ତ । ଅବତାର ହୋଏ ବ୍ୟକ୍ତାବ୍ୟକ୍ତ । ସୃଷ୍ଟି ରକ୍ଷାଅର୍ଥେ ଦେହବନ୍ତ । ଯାହାକୁ ଧରି ଅସାଧ ସାଧକରି ତାହାକୁ ସେ ବୋଲି ତତ୍ତ୍ୱ । ୧୫ ।

ବୃକ୍ଷରୁ ପଲ୍ଲବ ଯେସନେ ଝଡ଼ଇ ପୁଣି କଷ୍ଟଦେନ ରହେ । ସେହିମତ ସୁଦର୍ଶନକୁ ଦେଖନ୍ତି ଯାବତ ବିଷ୍ଣୁ ସମ୍ଭବେ । ସୁଦର୍ଶନର । ଆପେ ବ୍ରହ୍ମ ନିରାମୟ । ଦେହଧାରିଙ୍କର ତାକୁ ଲୟ । ତଦ ବିତର୍କେ ନାହିଁ ନା ଜୟ । ଯହିଁକଳ୍ପିତେ ସୁଦର୍ଶନ ଚନ୍ଦ୍ରାକର ନ ଲାଗୁ ସଂସାରଭୟ । ୧୬ ।

ସର୍ବ ସୁଖରାଶି ମହିମା ପ୍ରକାଶି ଅଶେଷଜନେ ଆଶ୍ୱାସି । ଯାହା ପ୍ରହାରେ ପରମ ସୁଖପ୍ରାପ୍ତ କରୁଣା କିବା ବିଶେଷି । ସୁଦର୍ଶନର । ସର୍ବ ଉପକାର ତନୁ । କଦାଚିତେ ଜାତ ନୋହେ ମନୁ । ପରିହାଣ ନାହିଁ ତବିଷ୍ଣୁ । ମହିମା ଜଗତେ ପୂରି ଅଭ୍ୟାସୁଛି ଯେ ଯେତେ ପାରିବ ଧେନୁ । ୧୭ ।

ଅତିଅନ୍ତ ତେଜ କୋଟି ଗ୍ରହରାଜ ଅଂଶାଅଂଶେ ନୋହେ ସମ । ପାନରକ୍ଷଣ ଦୁର୍ଜନନିବାରଣ ନାଶେ ମାୟାମୋହ ତମ । ସୁଦର୍ଶନର । ଜ୍ୟୋତିରାନନ୍ଦ ସ୍ୱରୂପ । ନାଶେ ଶୋଷେ ଉବାର୍ଣ୍ଣବ ଆପ । ଦହ୍ୟ କରଇ ତ୍ରିବିଧ ତାପ । ଶରଣଜନଙ୍କ ରକ୍ଷଣ ନିମନ୍ତେ ଅଚୋରିଥାଇ ସମୀପ । ୧୮ ।

ଚନ୍ଦ୍ରେ ନିର୍ମାଣି କୋଟିଏ ମେରୁ ଏକ ଏକତ୍ର କରିବ ଯେବେ । ତହୁଁ ଉପୁଜିବ ଯେତେ ସୁଧାସିନ୍ଧୁ ତା ଷମ ନୋହିବ ତେବେ । ସୁଦର୍ଶନର । ବହେ ଏତେ ଶାନ୍ତଗୁଣ । ଅହ୍ଲାଦେ ଧ୍ରୁବ ପରିହାଣ । ସୁଖ ସୁଧା ଦେବସୁ ନିର୍ମାଣ । ସଂସରେ ତାର କଳ୍ପିତ କୌମୁଦୀରୁ ଯହିଁ ଯେତେକ ଭିଆଣ । ୧୯ ।

ପ୍ରଳୟ ଅନଳ ଅତ୍ୟନ୍ତ ପ୍ରଜ୍ୱଳ ନିର୍ଧୂମ ଉଜ୍ଜ୍ୱଳ ଶୋହେ । ଉପଲକ୍ଷ୍ୟ କରି ଯେବେ ବିଶ୍ୱରିବା ସେଠାବିକୁ ଲକ୍ଷ୍ୟ ନୋହେ । ସୁଦର୍ଶନର । ଯେହ୍ନେ ଶୋହେ ମଣ୍ଡଳିକା । ଯହିଁ ଜାତ ଶକ୍ତି ଗୁଣାତ୍ମିକା । ସର୍ଜି

Digitized by PPRACHIN, SOA

ପାଳ ଫନ୍ଦରଇ ଏକା । ସୁମନେ ଚନ୍ତ୍ର ସୁଦର୍ଶନ ଝଲକ କାହାକୁହିଁ ନାହିଁ ଶଙ୍କା । ୨୦ ।

ସିଦ୍ଧ ସାଧ୍ୟାଦ୍ଧ ଯୋଗୀନ୍ଦ୍ର ମୁନିଗଣ ବେଦ ବେଦାନ୍ତେ ବସୁରେ । ସୁରନର ନାଗ କିନ୍ନର ଅଗମ୍ୟ ଶବଦ ଯହିଁ ସଞ୍ଚରେ । ସୁଦର୍ଶନର । ପ୍ରତକ୍ଷଣେ ଭ୍ରମେ ହଂସ । ତହିଁ ଷରେ ପ୍ରାଣବାୟୁ ଦଶ । ପଶି ବ୍ରହ୍ମାଙ୍କୁ ହରେ ସୁଘୋଷ । ଯାତନା ଜୀବ ପରମାତ୍ମା ସ୍ୱରୂପ ଲୀଗିଲେ ଯେଉଁ ପୌରୁଷ । ୨୧ ।

ଯେଉଁ ସୁଦର୍ଶନ ଅଙ୍ଘ୍ରିଧର ବିଷ୍ଣୁ ଊର୍ଦ୍ଧ୍ୱବାହୁ ହୋଇ ରହେ । ସେ ନାରାୟଣ ପଦ୍ମପାଦ ନଖରୁ ତ୍ରୈଲୋକ୍ୟପାବନୀ ବହେ । ସୁଦର୍ଶନର । ମହିମା ଶୁଣ ହେ ନରେ । ଭକ୍ତ ଭାବନା ଭବ ଅର୍ଥରେ । ପ୍ରଭୁ ସୁଦୟା କରିଲେ ତାହେ । କହ ବୋଲି ଜଗନ୍ନାଥ ଆଜ୍ଞା ଦେଲେ ଅତ୍ୟନ୍ତ ପ୍ରେମଭାବରେ । ୨୨ ।

ଏକାର୍ଣ୍ଣବଜଳେ ମଧ ମହାବେଗେ ନିରସ୍ତୁଧ ହୋଇ ହରି । ପରମ-ବ୍ରହ୍ମଙ୍କୁ ଚନ୍ତ୍ରବା ମାନକେ ଚକ୍ରରୂପେ ତଜେ କରି । ସୁଦର୍ଶନର । ମଧ କରୁ ନିକୃନ୍ତନ । ଆପେ ଜାଣି ମହାବିଷ୍ଣୁ ମନ । ଆଜ୍ଞା ଦେଲେ ନିଷ୍ଟୟ ବଚନ । ତୁମ୍ଭେ ଯହିଁ ଥିବ ଆମ୍ଭେ ତହିଁ ଥିବୁ ନ ଛାଡ଼ିବୁ ସନ୍ନିଧାନ ।୨୩

ପୌଲସ୍ତ୍ୟ ନାଡ ବଣ୍ଟବାର ସମ୍ଭୃତ ବନାଶିଲେ ରଘୁନାଥ । ରାମ-ସ୍ୱରୂପେ ଅବତାର ଶ୍ରୀହରି ଚକ୍ର ଅବତାର ଭ୍ରତ । ସୁଦର୍ଶନର । ମହିମା ସୁଜନେ ଦେଖ । ସଙ୍ଗେ ଯେନ ସତ୍ୟ ମର୍ତ୍ତ୍ୟଲୋକ । ଆଉ ଅବତାରକୁ ନିରେଖ । ଚକ୍ର ଦେହଧାରୀ ନୋହିବା ମାନକେ ବଶାମନ୍ତ ଏକୁ ଏକ । ୨୪ ।

ଜଗତ ମଙ୍ଗଳ ପରମ କଲ୍ୟାଣ ଯେଯାହା ବାଞ୍ଛାହିଁ ସେହି । ଏକୁଁ ଅନେକ ଅନେକ ଯହିଁ ଏକ ତାର ବିନୁ ଅନ୍ୟ ନାହିଁ । ସୁଦର୍ଶନର । ସର୍ବ ଲୋକ ପରାକ୍ରମ । ରକ୍ଷଣାୟୁ ନାନାବିଧ ଧର୍ମ । ବିଶ୍ୱାସରେ କିଛି ନାହିଁ ଶ୍ରମ । ଇତସ୍ତତ ହୋଇ ମରୁଥାଏ ପ୍ରାଣୀ କେବଳ ଅବିଦ୍ୟା ଭ୍ରମ । ୨୫ ।

ଶାନ୍ତ ସୁଦୟା ସୁହୃଦୟ ସବୁରି କାହାରିହିଁ ନୋହେ ପର । ଶରଣ ଜନଙ୍କୁ ଦୂରେ ରଖି ଅଶରଣ ସଂହରେ ଶରୀର । ସୁଦର୍ଶନର । ନାହିଁ

Digitized by PPRACHIN, SOA

ଭେଦ ମିଛ ଅଟ । ସର୍ବଭୂତେ ଦୟା ସମସର । ଶୂନ୍ୟେ ଘନ ଯେସନେ ସଦାଗ୍ରସ୍ତ । ସମାନ ବିଭକ୍ତ ନାଶି ଉଚ୍ଚନୀଚ ମାର୍ଦ୍ଦାନୁସାରେ ସଂହର । ୨୭ ।

କୋଟି କୋଟି ଧାର ଅଗମ୍ୟ ଦୁସ୍ତର କେ ଅଛି ତହିଁ ବାହାର । ଅପ୍ର ବୃହତ ଦ୍ଵୂଶସ୍ଥୂଳ ସଗୁଣ ନିର୍ଗୁଣ ଶକ୍ତି ଯାହାର । ସୁଦର୍ଶନର । ଭସ୍ମ କୁଭସ୍ମ ନାଶନ । ସର୍ବ ଭୂତାତ୍ମା ଭୂତଭାବନ । ଅତି ପତିତ ଜନ ପାବନ । ଅଶେଷ ଲୋକଙ୍କ ବାସନା କଳୁଷ କରୁଣା ଜଳେ ଧାପନ ॥

ଯେଉଁ ଚକ୍ରସାଧ୍ଵ ଦେବ ଦୟାନିଧି ଅଶେଷ ବ୍ରହ୍ମାଣ୍ଡ ପାଳେ । କେବଳ ତାର କରୁଣାରେ ପ୍ରକାଶେ କେ ପଶି ପାରିବ ବଳେ । ସୁଦର୍ଶନର । ଅତ୍ୟନ୍ତ ଗହନ ମାର୍ଗ । ଯେଉଁ ଦ୍ଵାରେ ଦ୍ଵାସ୍ଥ ଅପବର୍ଗ । ଯାର ଭାବନା ରହିତ ଉଗ୍ର । କେବଳ ପରମେଶ୍ଵରଙ୍କୁ ପ୍ରାପତ ଯେଣୁ ସେ ଅତି ଉତ୍ସର୍ଗ । ୨୮ ।

ଉପନିଷଦ ବାକ୍ୟରେ ବଖାଣୁଛି ପରମହଂସ ବିଗ୍ରହରେ । ଗୁହ୍ୟ ଗମ୍ଭୀର ଗହନ ଗୁପ୍ତଚକ୍ର ରହିଛି ଯେଉଁ ପ୍ରକାରେ । ସୁଦର୍ଶନର । ନବ ଉତ୍କ୍ରାନ୍ତ ଦେଶେ । ପର ପରମ ପରୋକ୍ଷ ଘୋଷେ । ଗୁଣ ବର୍ଜିତ ବୈଷ୍ଣବ ବଶେ । ବାଞ୍ଛିତ ସିଦ୍ଧି ସାଧନ ସିଂହାସନେ ବିହାର କରେ ହରଷେ । ୨୯ ।

ଗୁରୁବଚନ ଆପଣା ଅନୁମାନ ମହାଜନ ମୁଖଶ୍ରୁତ । ସଦାଶୂର ସମାଗ୍ରହ ଯେଉଁ କତ ସୁସେବ୍ୟ ଶ୍ରୁତି ସ୍ମୃତି । ସୁଦର୍ଶନର । ଦରଶନେ ଯେବେ ଇଚ୍ଛା । ଅଷ୍ଟ ଯହିଁ ଏକକାର ଦୀକ୍ଷା । ମାର୍ଗ ନ ଛାଡ଼ କରିବ କକ୍ଷା । ପ୍ରଥମଦ୍ଵାରେ ଏ ଅତି-ଅନ୍ତ ଘୋର ପିଠି ହୋଇବ ସୁରକ୍ଷା ॥

ଦୀକ୍ଷା ଶବ୍ଦ ଶୁଣି ହୃଦେ ପରମାଣି ରଖିବ ଅବ୍ୟକ୍ତ କରି । ମୋହପ୍ରେମ ରସେ ହେତୁ ବୁଡାଇବ ଦେହାଦ୍ଧ ବୁଦ୍ଧି ପାସୋରି । ସୁଦର୍ଶନର । ଦ୍ଵିତୀୟ ଦ୍ଵାରେ ଲାଗିବ । ସର୍ବ ମୃଣାଳ ସୂତ୍ରେ ତ୍ୟାଗିବ । ପରସ୍ପରେ ସୁକୃତ ମାଗିବ । କୀର୍ତ୍ତନ ଭାବ ଏ ପରମ ଦୁର୍ଲଭ ଦୁର୍ବୋଧ ବାଢ଼ ଭାଙ୍ଗିବ । ୩୧ ।

Digitized by PPRACHIN, SOA

ଶବଦକୁ ଦେହଜ ସ୍ୱରୂପେ ନମସ୍କି ଶ୍ରୁତିକ କରିବ ଲୀନ । ରସ ଆକୁଞ୍ଚ ବାସନାରେ ବୁଡଣ ମନକୁ କଲେ ଅମନ । ସୁଦର୍ଶନର । ତୃତୀୟ ଦ୍ୱାରକୁ ଭେଟି । ଚକ୍ଷ ଚକ୍ଷୁରେ ରହିଲେ ଦୃଷ୍ଟି । ମୋହ ଅନ୍ଧକାର ଯାଉ ଫିଟି । ବିଷ୍ଣୁ ବ୍ୟବକେ ଅନ୍ୟର ସାଧ୍ୟନୋହେ ସ୍ମରଣ ଭାବଏଟି । ୩୨ ।

ଉଲଟି ପାଦ ଊର୍ଦ୍ଧ୍ୱମୁଖେ ରହିଛି ଅମୃତ ସିନ୍ଧୁକୁ ଧରି । ଜୀବ ଉଦ୍ଧାର ଜଗତ ହିତ ଅର୍ଥେ ସୁଷୁମ୍ନା ସୂତ୍ରେ ସଞ୍ଚରି । ସୁଦର୍ଶନର । ଚତୁର୍ଥ ଦ୍ୱାରେ ଏ ସ୍ଥିତି । ଏଥେ ହଜାଇଲେ ହେତୁମତି । ଜାତ ହୋଏ ପାଦପଦ୍ମ ଭକ୍ତି । ଯନ୍ତ୍ରାନ୍ୱିତ ଦ୍ୱାର ପ୍ରବୋଧ ଆକାର ଯେବେ ଲଭେ ଶିଷ୍ୟଶକ୍ତି । ୩୩ ।

ଆସନ ପାଦାର୍ଘ୍ୟ ଆଚମନ ସ୍ନାନ ବସ୍ତ୍ର ନାହିଁ ଆଭରଣ । ଗନ୍ଧ ପୁଷ୍ପ ଧୂପ ଦୀପ ନଇବେଦ୍ୟ ପ୍ରଦାନ ଆଦି ଚନ୍ଦନ । ସୁଦର୍ଶନର । ପଞ୍ଚମ ଦ୍ୱାର ବିଧାନ । ନୋହେ ମନ୍ତ୍ର ଯନ୍ତ୍ରତନ୍ତ୍ରାର୍ଚ୍ଚନ । ଯୋଗ ନୁହଇ କଦା ସ୍ପର୍ଶନ । ଦୃଷ୍ଟି ସୃଷ୍ଟି ଘ୍ରାଣ ମନ ଗୋଚରରେ ଥିଲେ କରେ ନିବେଦନ ॥

ବିନା ପବନରେ ଶବଦ ଉହାରି ଉଦେ ଥିବ ସର୍ବବ୍ୟାପି । ବେଦା ବେଦାନ୍ତ ସିଦ୍ଧାନ୍ତ ଆଗମରେ ଯାହା ନୁହଇ ସଂକ୍ଷେପି । ସୁଦର୍ଶନର । ଷଡ଼ଦ୍ୱାରେ ତାହା ଘୋଷି । ଚକ୍ରାୟୁଧଙ୍କୁ ସେ ସ୍ତବେ ତୋଷି । ଯେବେ ପାରଇ ସେ ଭାବେ ପଶି । ଦୁର୍ଘଟ ଅର୍ଗଳ ଦୂର ହୁଅଇ ଦାସ୍ୟଭାବେ ଦ୍ୱାରଦେଶି । ୩୪ ।

ଯେତେବେଳେ ଦାସ ଭାବ ପ୍ରକାଶଇ ଜାଣଇ ପ୍ରଭୁ ସେବକ । ସେ ସେବା ଚହିଲେ ସଂଶୟ ଛାଡ଼ଇ ଜନ୍ମଇ ଆତ୍ମବିବେକ । ସୁଦର୍ଶନର । ସପ୍ତମ ଦ୍ୱାର ସାଧନ । ସେହିଠାରୁ ସରଇ ଭଜନ । ଯହିଁ ଅଶେଷ ମନ ରଞ୍ଜନ । ସୁଖକୁ ସାଧି ଶାନ୍ତିକ ପ୍ରବୋଧିଣ ସର୍ବଦାଭାବେ ସମାନ ॥

ସପତାଙ୍ଗ ଯାଏ ସେବକ ପ୍ରତରେ ଅଷ୍ଟାଙ୍ଗଙ୍କୁ ପ୍ରଭୁବଳ । ତହୁଁ ତେଣିକ ସେ ଓଁକାର ନେଇଣ ସଖାଭାବେ କରେ କୋଳ । ସୁଦର୍ଶନର । ଅଷ୍ଟମ ଦ୍ୱାରେ ପ୍ରକାଶି । ନ ଭାବଲେ ଇଚ୍ଛା ସୁଖେ ବଶି । ତହିଁ କ୍ଷୁଧା

Digitized by PPRACHIN, SOA

ତୃଷା ନାହିଁ ନଶି । ଗୁରୁ ପ୍ରତାପରୁ ଈଶ୍ୱର କରୁଣା ପ୍ରକାଶଇ ଜ୍ଞାନଶଶୀ । ୩୭ ।

ଯାବତ ଜ୍ଞାନ ପ୍ରକାଶିଲେ ସୁଜନେ ଜୀବପରମ ଏକତ୍ୱ । ଯାତନା ଦେହ ଜଗନ୍ନାଥେ ହଜାଇସାଗରେ ନଦୀ ଯେମନ୍ତ । ସୁଦର୍ଶନର । ସାଧିବାର ଏହୁ କଳ । ଇଚ୍ଛାସୁଖେ ହୋଏ ଏକସ୍ଥଳ । ହେଲେ ତାରଇ ପାପସଂକୁଳ । ଏ ତତ୍ତ୍ୱ ସାଧନେ ଯା ହେତୁ ନ ପଶେ ବ୍ୟର୍ଥ ତା ଆୟୁବଳ । ୩୮ ।

ଏ ନବ ଦୁଆର ନବଧା ଭକତ ବସ୍ତୁର ତତ୍ତ୍ୱସାଧନ । ସାଧକ ଏହୁ ସିଦ୍ଧ ଅଛ ଦଶମେ ଏହି ପ୍ରକାରେ ପ୍ରସନ୍ନ । ସୁଦର୍ଶନର । ସଚ୍ଚିଦାନନ୍ଦ-ସ୍ୱରୂପୀ । ଚରାଚରେ ସର୍ବ ଅଛ ବ୍ୟାପି । ବିଶ୍ୱ-କରଇ ବିଶ୍ୱକୁ ସ୍ଥାପି । ଶେଷ ଶାରଦା ଶିବାଦ୍ଧି ସୁରଗୁରୁ କହି ନ ପାରେ ସଂକ୍ଷେପି । ୩୯ ।

ମାନୁଷ ଦେହ ଆବୋର ମାୟା ମୋହ ବିଷୟା ରସରେ ପଡ଼ି । ସୁତ କଳତ୍ର ଜାତି ଅର୍ଥ ବେଭାର ଅହଂକାରେ ଅଛ ବୁଡ଼ି । ସୁଦର୍ଶନର । ମହିମା ପରୋକ୍ଷେ ଶୁଣି । ପତିତପାବନ ତା ନା ଜାଣି । ଆଉ ଅନାଦିଭାବ ନ ଗଣି । ଅଶେଷ ପରମଶ୍ରେୟ ସିଦ୍ଧ କୃପାସମୁଦ୍ର ଦାସ ବଖାଣି ।୪୦ ।

ଚତୁର୍ଦ୍ଧା ମୂରତି ବର୍ଣ୍ଣିନାକରିଛ ଶଏ ଏକସ୍ତର ପଦେ । ନବଧା ଭକ୍ତି ଯୋଗ ଜ୍ଞାନ ସହିତେ ବିଶ୍ରାମିଛ ଏଥିମଧ୍ୟେ । ସୁଦର୍ଶନର । ତତ୍ତ୍ୱ ସାଧା ପକ୍ଷପାଇ । ସନ୍ଥ ପାଦରଜ ଶିରେ ଲଇଁ । ମନଭ୍ରମ କାଟି ଦୂରେ ଥୋଇ । ସଦାନନ୍ଦ କୃପା ସମୁଦ୍ରଦାସର ଜଗନ୍ନାଥ ଗୁଣ ଗାଇ । ୪୧ ।

ସଂପୂର୍ଣ୍ଣ ।

Ptd. by N. N. Sahoo Arunodaya Press Cuttack

Digitized by PPRACHIN, SOA

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ବାଲୁବଜାର ଅରୁଣୋଦୟ ପ୍ରେସ ପୁସ୍ତକଦୋକାନରେ ବିକ୍ରୟନିମିତ୍ତ ପ୍ରସ୍ତୁତଅଛି ତଲ୍ଲବକଲେ ପାଇବେ

ମାଘମାହାତ୍ମ୍ୟ	ଖ ୧ ଟ ୦ ୳
କାର୍ତ୍ତିକମାହାତ୍ମ୍ୟ	ଖ ୧ ଟ ୦ ୳
ଭକ୍ତମାଲାଗ୍ରନ୍ଥ	ଖ ୧ ଟ ୦ ୳
ସୁଧାସାରଗୀତା	ଖ ୧ ଟ ୦ ୳
ଭଗବଦ୍‌ଗୀତା	ଖ ୧ ଟ ୦ ।
ଶୁକବିଳାସ	ଖ ୧ ଟ ୦ ।୵
ବିବାହପଦ୍ଧତି	ଖ ୧ ଟ ୦ ୷
ନଷ୍ଟକୋଷ୍ଠିଉଦ୍ଧାର	ଖ ୧ ୦ ୵
ବର୍ଣ୍ଣପଦ୍ୟ (କୃଷ୍ଣସିଂହ)	ଖ ୧ ଟ ୦ ୳
ବେତାଳପଞ୍ଚବିଂଶତି	ଖ ୧ ଟ ୦ ।୵
ବିଦ୍ୟାଧରପାଳ	ଖ ୧ ଟ ୦ ୶
ଚତୁର୍ବେଦୀୟସନ୍ଧ୍ୟାପଦ୍ଧତି	ଖ ୧ ଟ ୦ ୵
ମାଣବସାପୁରାଣ	ଖ ୧ ଟ ୦ ୶
ଫଳଜ୍ୟୋତିଷପ୍ରଶ୍ନ ବା ଖଡ଼ିମାଳିକା	ଖ ୧ ଟ ୦ ୵
ଗୋପାଳଙ୍କ ଓଗାଳ	ଖ ୧ ଟ ୦ ୵୨
ପଞ୍ଚମୁଖୀ ହନୁମନ୍ତ କବଚ	ଖ ୧ ଟ ୦ ୵
ଶ୍ରାଦ୍ଧପଦ୍ଧତି (ପଇତାମର୍ଦ୍ଧ)	ଖ ୧ ଟ ୦ ୵
ଶ୍ରୀକୃଷ୍ଣଙ୍କ ଘାଟସଧା	ଖ ୧ ଟ ୦ ୵
ଶ୍ରୀକୃଷ୍ଣଙ୍କ ଧୂଳଖେଳ	ଖ ୧ ଟ ୦ ୧୯
ସର୍ବକର୍ମଦୀପିକା	ଖ ୧ ଟ ୦ ୷
ବତିଶସିଂହାସନ	ଖ ୧ ଟ ୦ ୳
କାଳପ୍ରଦୀପ	ଖ ୧ ଟ ୦ ।୵

ଅରୁଣୋଦୟ ପ୍ରେସ
ବାଲୁବଜାର କଟକ } ପ୍ରୋପ୍ରାଇଟର
ଶ୍ରୀ ଭାଗବତପ୍ରସାଦଦା ।

Digitized by PPRACHIN, SOA